## ସଂକ୍ଷେପରେ

### ଦିଲ୍ଲୀ ରଥଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇର ଝିଅ



ଶ୍ରୀୟଙ୍କା ଦାସ

ପଟ୍ଟାମୁଣ୍ଡାଇ୧୮।୭(କଳ୍ପତରୁ ନାୟକ)

ନୂଆଦିଲ୍ଲୀର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉତ୍ସବ ପାଳନ ଅବସରରେ ୯ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାମଧନ୍ୟ କଳାକାରମାନେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ଗ୍ରାମର ପ୍ରବାସୀ ପ୍ରଦ୍ୟୁମ୍ନ ଦାସଙ୍କ କନ୍ୟା ଶ୍ରୀୟଙ୍କା ଓଡ଼ିଶୀ ଓ ଗୀତିନାଟ୍ୟ କାଞ୍ଚି ଅଭିଯାନ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ମୋହି ଥିଲେ।

### ଜଳ ଯୋଗାଣରେ ପାତରଅନ୍ତର ଅଭିଯୋଗ

ଯୋଡ଼ା,୧୮।୭(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ସହର ଆଜାଦ୍ ବସ୍ତିରେ ରହୁଥିବା ବାସନ୍ତୀ ଦାଶଙ୍କ ଘରକୁ ଜଳ ଯୋଗାଣରେ ପାତରଅନ୍ତର ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜନ ସ୍ୱାସ୍ଥ୍ୟ ବିଭାଗ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୭ ଫେବୃୟାରୀ ୨୦୨୧ରେ ତାଙ୍କ ଘରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଆବେଦନ କରିଥିଲେ। ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ୩୦୬୦ ଟଙ୍କା ଜମା କରିଥିଲେ। ଏହା ମଧ୍ୟରେ ତାଙ୍କ ଘର ନିକଟ ଅନ୍ୟ ପରିବାରଗୁଡ଼ିକୁ ପାନୀୟ ଜଳ ସଂଯୋଗ କରାଯାଇଛି। ମାତ୍ର ପାନୀୟ ଜଳ ସଂଯୋଗ ନିମନ୍ତେ ଗତ ୩ ବର୍ଷ ହେବ କାର୍ଯ୍ୟାଳୟ ଦୌଡ଼ି ନୟାନ୍ତ ହେଲେଣି। ଆଜି ପର୍ଯ୍ୟନ୍ତ ତାଙ୍କ ଘରକୁ ପାନୀୟ ଜଳ ସଂଯୋଗ କରାଯାଇନାହିଁ। ପାଣି ସଂଯୋଗ ପାଇଁ ବାସନ୍ତୀ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି।

# ବାଲିରେ ହେଉଛି ନଦୀବନ୍ଧ ଉନ୍ନତୀକରଣ

**ଅଞ୍ଚଳବାସୀଙ୍କୁ ଘାରୁଛି ବନ୍ୟା ଭୟ**

■ ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ବ୍ରହ୍ମବରଦା,୧୮।୭
(ଯଯାତି କେଶରୀ ବେହେରା):

ଜାରକା ଜଳସମ୍ପଦ ଡିଭିଜନ ଅନ୍ତର୍ଗତ ବନ୍ଧଡ଼ିହ ପ୍ରାଥମିକ ବିଦ୍ୟାଳୟ ନିକଟ ନଦୀବନ୍ଧକୁ ସୁଦୃଢ଼ୀକରଣ କରାଯାଉଛି। ଯେପରିକି ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ଘାଇ ସୃଷ୍ଟି ନ ହୁଏ ଏବଂ ଧନ ଜୀବନ ନଷ୍ଟ ନ ହୁଏ ସେଥିପାଇଁ ସରକାରଙ୍କ ପକ୍ଷରୁ ବନ୍ୟା ଚୁକ୍ତିନାମା ଅନୁଯାୟୀ ଉକ୍ତ ନଦୀବନ୍ଧରେ ୨,୩୩୨ ଘନମିଟର ମାଟି ପଡ଼ିବା ସହିତ ୫୪୫ ଘନମିଟର ପଥର ପ୍ୟାକିଂ ହେବାକୁ ଧାର୍ଯ୍ୟ କରାଯାଇଛି। ୨୪ ଲକ୍ଷ ୧୧ ହଜାର ୪୫୯ ଟଙ୍କ ବ୍ୟୟବରାଦରେ ଏହି କାର୍ଯ୍ୟ ୨୬।୦୫।୨୦୨୪ ସୁଦ୍ଧାଶେଷ ହେବା ନେଇ ଚୁକ୍ତି କରାଯାଇଥିଲା। କିନ୍ତୁ ଅବଧି ମଧ୍ୟରେ କାର୍ଯ୍ୟ ସମାପ୍ତ ହୋଇ ପାରିନାହିଁ। ଏବେ ଠିକାଦାର ମାଟି ବଦଳରେ ବ୍ରାହ୍ମଣୀ ନଦୀ ବାଲିରେ କାର୍ଯ୍ୟ କରୁଥିବାବେଳେ କାଁଭାଁ ପଥର ପ୍ୟାକିଂ କରୁଥିବା ଦେଖିବାକୁ ମିଳିଛି। ଫଳରେ ଏହି ନଦୀବନ୍ଧର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ଧ ନିକଟରେ ଏକ ବିଦ୍ୟାଳୟ ରହିଛି। ଏହ ବିଦ୍ୟାଳୟକୁ ବାଲିନିର୍ମିତ ନଦୀବନ୍ଧ କେତେ ସୁରକ୍ଷା ପ୍ରଦାନ କରିବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ରେ ବ୍ରାହ୍ମଣୀ ନଦୀରେ ବନ୍ୟାଆସିବାରୁ ବନ୍ଧଡ଼ିହସ୍ଥିତ କଣ୍ଡିଆ ସାହିଠାରେ ୨୦୦ଫୁଟରୁ ଉର୍ଦ୍ଧ୍ୱ ଘାଇ ହୋଇଥିଲା। ଏଥିସହିତ ଦୁଇ ମହଲା ବିଶିଷ୍ଟ କୋଠାଘର ଭାସିଯିବା ସହ ଅନେକ କଚ୍ଚା ଘର ଭାଙ୍ଗି ଯାଇଥିଲା। ଫଳରେ ଏକାଧିକ ପରିବାର ମାସମାସ ଧରି ପରଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହୋଇଥିଲେ। ଏଠାରେ ଘାଇ ହେବାର ମୁଖ୍ୟ କାରଣ ଥିଲା ବାଲିରେ ବନ୍ଧ ନିର୍ମାଣ। ଏହିପରି ଏହି ନଦୀବନ୍ଧକୁ ପ୍ରତିବର୍ଷ ଉନ୍ନତୀକରଣ ଆଳରେ ସରକାରୀ ପାଣ୍ଠିରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ପ୍ରତିବର୍ଷ ବନ୍ୟାରେ ଘାଇ ସୃଷ୍ଟି ହୋଇ ଗ୍ରାମବାସୀଙ୍କ ଧନଜୀବନ ନଷ୍ଟ ହେଉଛି। ତେଣୁ ଏହି ନଦୀବନ୍ଧ କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ନଦୀବନ୍ଧରେ ବାଲି ପକାଯାଇ କାର୍ଯ୍ୟ କରାଯାଉଛି।

# ଏଡିଜେ କୋର୍ଟ ଖୋଲିବା ନେଇ ବିଧାୟକଙ୍କୁ ଦାବିପତ୍ର

ଚଣ୍ଡିଖୋଲ,୧୮।୭
(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ସମୟରେ ଚଣ୍ଡିଖୋଲଠାରେ ଖୋଲିବାକୁ ଥିବା ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ)କୋର୍ଟ ଓ ଅତିରିକ୍ତ ପ୍ରଥମ ଶେଣୀ ବିଚାର ବିଭାଗୀୟ ଅଦାଲତ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ବାର୍ ଆସୋସିଏଶନର ସଭାପତି ଦେବରାଜ ବେହେରା, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରମୁଖ ବିଧାୟକଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ନୂଆ କ୍ରିମିନାଲ ଆଇନ ଲାଗୁ ପରେ ଚଣ୍ଡିଖୋଲ କୋର୍ଟରେ ଉପୁଜିଥିବା ସଂକଟ ସମ୍ପର୍କରେ ଆଲୋଚନା କରାଯାଇଛି। ଚଣ୍ଡିଖୋଲ ସହକାରୀ ଦୌରାଜଜ କୋର୍ଟ ନୂଆ ଆଇନରେ ଉଚ୍ଛେଦ କରାଯାଇଛି। ଫଳରେ ବିଚାର ବିଭାଗ, ଆଇନଜୀବୀ ଓ ସାଧାରଣ ଲୋକ ଭୋଗୁଥିବା ଅସୁବିଧାକୁ ବିଚାରକୁ ନେଇ ଶୀଘ୍ର ଅତିରିକ୍ତ ଜିଲା ଦୌରାଜଜ କୋର୍ଟ କାର୍ଯ୍ୟକାରୀ ପାଇଁ ଦାବି ହୋଇଛି। ବିଧାୟକ ଏହାର ଗୁରୁତ୍ୱ ଉପଲବ୍ଧି କରି ଏହା ତାଙ୍କର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ବୋଲି ପ୍ରକାଶ କରିଛନ୍ତି।



ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତା ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ



ଭାଜପାର ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନରେ ଯୋଗଦେଇଥିବା ନେତା ଓ କର୍ମୀ।

**ଭାଜପାର ସାଙ୍ଗଠନିକ ବୈଠକ, ବନ୍ଧୁମିଳନ**

ଯାଜପୁର ଟାଉନ,୧୮।୭
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୨ନଂ. ଜିଲା ପରିଷଦ ଜୋନକୁ ନେଇ ଭାଜପା ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଓ ବନ୍ଧୁ ମିଳନ ଆଲିସା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମନ୍ମଥ କୁମାର ବରାଳଙ୍କ ସଭାପତିତ୍ୱରେ ଯାଜପୁର ଜିଲା ସଭାପତି ଗୌତମ ରାୟ, ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ସୁରେଶ ରାଉତ, ଜିତାମିତ୍ର ଦାସ, ମହେନ୍ଦ୍ର ପହି ଓ ମହେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ ପାଇଁ ଜିଲା ସଭାପତି ରାୟ ଆହ୍ୱାନ ଦେବାସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ରାଜ୍ୟରେ ଭାଜପା ସରକାର ଗଠନ କରିଛି। ପ୍ରତ୍ୟେକ କର୍ମୀ ତୃଣମୂଳସ୍ତରକୁ ଯାଇ ପ୍ରକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ସେମାନେ କିପରି ସରକାରୀ ଯୋଜନା ପାଇପାରିବେ ସେଥିପାଇଁ ସଜାଗ ରହିବା ଆବଶ୍ୟକ। ଭାଜପା ପ୍ରତି ଭରଷା କରି ଲୋକେ ଯେଉଁ ଆଶୀର୍ବାଦ ଦେଇଛନ୍ତି ସେହି ଭରଷାକୁ ଦଳ ଅକ୍ଷୁଣ୍ଣ ରଖିବାକୁ ସଭାପତି ରାୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ। ଭାଜପା ଯୁବନେତା ସୁରଜଲାଲ ସାମଲ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଚିତ୍ରପୁର, ଜାଫରପୁର, ବାସୁଦେବପୁର ପଞ୍ଚାୟତ ସମେତ ଜୋନ୍‌ର ବହୁ ଅନ୍ୟଦଳର କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଜିଲା ସଭାପତି ରାୟ ସମସ୍ତଙ୍କୁ ଦଳୀୟ ଟୋପି ଓ ଉପଢୌକନ ପିନ୍ଧାଇ ସ୍ୱାଗତ କରିଥିଲେ।

### ଦୋଷୀଙ୍କୁ ୫ ବର୍ଷ ଜେଲ

କେନ୍ଦୁଝର,୧୮।୭(ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଗୁରୁବାର ଏକ ଅପହରଣ ଓ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାର କରି ପାଟଣା ଥାନା ଦୁବେଇପେଣ୍ଠ ଗ୍ରାମର ବାବୁଲି ନାଏକ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୯ ବର୍ଷୀୟ ପୀଡ଼ିତାଙ୍କୁ ୨୬ ସେପ୍ଟେମ୍ବର ୨୦୨୩ ରେ ଅଭିଯୁକ୍ତ ଖାତା, କଲମ କିଣିଦେବ କହି ଗାଁ ଦୋକାନକୁ ନେଇଥିଲେ। ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କୁ ନ ପାଇ ମା’ ଖୋଜିବାକୁ ଯାଇଥିଲେ। ନାବାଳିକାଙ୍କ ମା’ଙ୍କୁଦେଖିଅଭିଯୁକ୍ତଦୌଡ଼ିପଳାଇଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ କହିବା ପରେ ପାଟଣା ଥାନାରେ ପୀଡ଼ିତାଙ୍କ ବାପା ସେପ୍ଟେମ୍ବର ୨୭ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ଅପହରଣ ଓ ବଳାତ୍କାର ଉଦ୍ୟମ ମାମଲା(ନଂ. ୧୬୫/୨୩)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ବିଚାରପତି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

# ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ଆଲୋଚନା

ଯାଜପୁରରୋଡ୍,୧୮।୭ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ କ୍ରୀଡ଼ାର ବିକାଶକୁ ନେଇ ଜିଲା ଆଥଲେଟିକ ଆସୋସିଏଶନ କାର୍ଯ୍ୟକର୍ତ୍ତା ଓ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବିଧାୟକ ଦାସନାୟକ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚି କ୍ରୀଡ଼ାବିତଙ୍କ ବିକାଶ ପାଇଁ ଷ୍ଟାଡିୟମର କିପରି ଉନ୍ନତୀମୂଳକ କାର୍ଯ୍ୟ ହୋଇପାରିବ ସେ ନେଇ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ବିଶେଷ ଭାବରେ ଷ୍ଟାଡିୟମର ପାଚେରି, ଗେଟ, ଆଲୋକ ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ଷ୍ଟାଡିୟମରେ କିପରି ଭଲିବଲ, କବାଡି, ଟେନିସ କୋର୍ଟ, ସୁଇମିଂ ଆଦି କ୍ରୀଡ଼ା ପାଇଁ କାର୍ଯ୍ୟ ଆରମ୍ଭ ହେବ ସେ ବିଷୟରେ ମତପ୍ରକାଶ ପାଇଥିଲା। ଜିଲା ଆଥଲେଟିକ ଆସୋସିଏଶନର ସମ୍ପାଦକ ସମ୍ବିତ ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତା ଏକ ନକ୍ସା ତିଆରି କରି ବିଧାୟକଙ୍କୁ ପ୍ରଦାନ କରିଥିଲେ। ଷ୍ଟାଡିୟମର କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ କହିଥିଲେ।

# ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି ଭାଗ୍ୟଧର

**କିଡ୍‌ନୀ ରୋଗରେ ଆକ୍ରାନ୍ତ, ଚିକିତ୍ସା ପାଇଁ ଅର୍ଥ ବାଧକ**

ଡେରାବିଶ,୧୮।୭ (ବେବର୍ତ୍ତା ଅଜୟ ଦାସ)

ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ବିଭିନ୍ନ ଲୋକଙ୍କ ଘରକୁ ନିର୍ମାଣ କରିବା ସହ ନୂତନ ଘରେ ବସବାସ ପାଇଁ ସୁଯୋଗ ସୃଷ୍ଟି କରୁଥିଲେ। ମାତ୍ର ହଠାତ୍ ସ୍ୱାସ୍ଥ୍ୟଗତ କାରଣରୁ ନିଜ ଘର ଏବେ ଉଜୁଡି ଯିବାକୁ ବସିଲାଣି। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅଧୀନ ନୋଳସାହି ଗ୍ରାମରେ। ଏହି ଗ୍ରାମର ଭାଗ୍ୟଧର ସେଠୀ(୫୦) ଜଣେ ରାଜମିସ୍ତ୍ରି ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ସ୍ୱାର୍ଜିତ ଅର୍ଥରେ ପରିବାରର ୫ ଜଣ ସଦସ୍ୟ ପ୍ରତିପୋଷଣ ହେଉଥିଲେ। ପରିବାର ବେଶ ହସଖୁସିରେ ଦିନ କାଟୁଥିବା ବେଳେ ହଠାତ ଭାଗ୍ୟଧର ଅସୁସ୍ଥ ହୋଇପଡିଥିଲେ। କଟକ ଓ ଭୁବନେଶ୍ୱରରେ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହେବା ସହ ସମସ୍ତ ପରୀକ୍ଷା କରାଇଥିଲେ। ପରେ ଭାଗ୍ୟଧରଙ୍କ ଦୁଇଟି ଯାକ କିଡନୀ ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିବା ଜଣାପଡିଥିଲା। ତେବେ ଭାଗ୍ୟଧରଙ୍କୁ ସୁସ୍ଥ କରିବା ପାଇଁ ପରିବାର ପକ୍ଷରୁ ଘରେ ରହିଥିବା ସଞ୍ଚିତ ଧନ ଖର୍ଚ୍ଚ କରିବା ପରେ ଆବଶ୍ୟକ କରୁଥିବା ଅଧିକ ଅର୍ଥ ଯୋଗାଡ ପାଇଁ ଘରେ ଥିବା ସମସ୍ତ ଅଳଙ୍କାର ସମେତ ବାସନ କୁସନ ପର ଘରେ ବନ୍ଧା ପକାଇ ଭାଗ୍ୟଧରଙ୍କୁ ଚିକିତ୍ସା କରାଯାଇଥିଲା। ଦୀର୍ଘ ୮ ମାସ ଏହି ବ୍ୟୟବହୁଳ ଚିକିତ୍ସା ପାଇଁ ଘରେ ପାଳିଥିବା ଗୋରୁ ମଧ ବିକ୍ରିକରି ସାରିଲେଣି। ହେଲେ ଭାଗ୍ୟଧରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଅନ୍ୟପକ୍ଷରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଭାଗ୍ୟଧରଙ୍କ ପରିବାର ଚଳିବା ବର୍ତ୍ତମାନ କଷ୍ଟକର ହୋଇ ପଡିଛି। କ୍ଷିଣ ଓ ଦୁର୍ବଳ ଶରୀର ସହ ଗୋଡହାତ ଭଲ ଭାବେ ଚଳୁନି। ଏବେ ରୋଗର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରତି ସପ୍ତାହରେ ଦୁଇ ଥର ଡାଏଲେସିସ ହେବାକୁ ଭାଗ୍ୟଧର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ଆବଶ୍ୟକ ଅର୍ଥ ମଧ୍ୟ ନାହିଁ। ଏଥିସହ ପ୍ରତ୍ୟେକ ଦିନ ଖାଉଥିବା ଔଷଧ କିଣିବାକୁ ପାଖରେ ଅର୍ଥ ମଧ୍ୟ ଅଭାବ। ଏହି ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ସହାୟତା କରାଯାଇଛି। ମାତ୍ର ପ୍ରଶାସନିକ ସହାୟତା ଭାଗ୍ୟଧରଙ୍କୁ ଯୋଗାଇ ଦେବାକୁ ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲ୍ଲିକ, ସାମାଜିକ କର୍ମୀ ଦୈତାରୀ ଜେନା ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଭାଗ୍ୟଧରଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ଅଛନ୍ତି। ପୁଅ ନବମ ଶ୍ରେଣୀରେ, ସାନ ଝିଅ ଯୁକ୍ତ ଦୁଇରେ ପଢୁଛନ୍ତି। ବଡ ଝିଅ ପାଠପଢ଼ା ପରେ ଘରେ ରହିଛନ୍ତି। ତେବେ ପରିବାର ପାଇଁ ଏକମାତ୍ର ରୋଜଗାରକ୍ଷମ ଥିବା ଭାଗ୍ୟଧରଙ୍କ ଏପରି ଅବସ୍ଥା ପରେ ସମସ୍ତେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ତେଣୁ ସରକାରୀ ସ୍ତରରେ ଓ କେହି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ଭଗ୍ୟଧରଙ୍କ ଚିକିତ୍ସା ହୋଇପାରନ୍ତା ବୋଲି ସ୍ତ୍ରୀ ସସ୍ମିତା ନିବେଦନ କରିଛନ୍ତି।



କିଡ୍‌ନୀ ରୋଗରେ ଆକ୍ରାନ୍ତ ଭାଗ୍ୟଧରଙ୍କ ସହ ସ୍ତ୍ରୀ ସସ୍ମିତା ଓ ପୁଅ।

### ଦୁର୍ଘଟଣାରେ ୨ ଗୁରୁତର

ବେତନଟୀ,୧୮।୭(ଧରଣୀ ଧର ମହାନ୍ତି)

ବେତନଟୀ ଥାନା ଅଧୀନ କେସିପୁର ଚର୍ଚ୍ଚ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗୁରୁତର ଦ୍ୱୟ ହେଲେ ବାରିପଦା ଦେଉଳ ସାହିର ସ୍ୱାତିକ ମହାପାତ୍ର ଓ ତାଙ୍କ ପିଉସୀ ମଞ୍ଜୁ ଦାସ। ପିଉସୀ ଓ ପୁତୁରା ଗୋଟିଏ ସ୍କୁଟିରେ ବାରିପଦାରୁ ବେତନଟୀ ଅଭିମୁଖେ ଆସୁଥିବା ବେଳେ କେସିପୁର ଚର୍ଚ୍ଚ ନିକଟସ୍ଥ ପୋଲ ବାଡାରେ ପିଟି ହୋଇ ଯାଇଥିଲେ।

# ଗାଁ ରାସ୍ତାରୁ ଜବରଦଖଲ ହଟାଇବାକୁ ତହସିଲଦାରଙ୍କ ଦ୍ୱାରସ୍ଥ

ପଟ୍ଟାମୁଣ୍ଡାଇ,୧୮।୭ (କଳ୍ପତରୁ ନାୟକ)

ଜବରଦଖଲ ଯୋଗୁଁ ଗାଁ ଗଳି ରାସ୍ତା ଏବେ ସଂକୀର୍ଣ୍ଣ ହୋଇଯାଇଛି। ଫଳର ଲୋକେ ରାସ୍ତା ଦେଇ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଗାଁ ଭିତରକୁ ଯିବାରେ ସମସ୍ୟା ସୃଷ୍ଟି ହେଉଛି। କୌଣସି ଆପାତକାଳୀନ ସମୟରେ ଅସୁବିଧାର ଭୋଗୁଛନ୍ତି ଗ୍ରାମବାସୀ। ତେଣୁ ତୁରନ୍ତ ଜବରଦଖଲରେ ଥିବା ଗାଁ ରାସ୍ତାକୁ ମୁକ୍ତ କରିବାକୁ ଗୁରୁବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୱାର୍ଡ ନଂ.୯ ନୂଆଗାଁ ଗୋଖେଇ ସାହିର ଲୋକେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନୂଆଗାଁର କେତେଜଣ ବ୍ୟକ୍ତି ଯିବା ଆସିବା ରାସ୍ତାକୁ ଜବରଦଖଲ କରି ପାଚେରି ନିର୍ମାଣ କରୁଛନ୍ତି। ଫଳରେ ରାସ୍ତାଟି ଏବେ ସଂକୀର୍ଣ୍ଣ ହୋଇଯିବା ସହ ଯାତାୟାତ କରିବାରେ ଅସୁବିଧା ହେଉଛି। ଏହାସହ କୌଣସି ଆପତକାଳୀନ ସମୟରେ ଯାନବାହନ ଯାତାୟାତ ନିମନ୍ତେ ସମସ୍ୟା ସୃଷ୍ଟି ହେଉଛି। ଏହି ପଡାର ପାଖାପାଖି ୫୦ ପରିବାର ହଇରାଣ ହେଉଛନ୍ତି। ଏହି ରାସ୍ତା ଉପରେ ଥିବା ଜବରଦଖଲ ହଟାଇବାକୁ ମାଘନାଦ ସେଠୀ, ବିଜୟ ସେଠୀ, ବୀର ସେଠୀ, କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ସେଠୀ, ଉତ୍ତମ ସେଠୀ, ଚିତ୍ତରଞ୍ଜନ ସେଠୀ, ପ୍ରମୋଦ ସେଠୀ, ଅଶୋକ ସେଠୀ, ଗୋକୁଳ ସେଠୀଙ୍କ ପ୍ରମୁଖ ଗ୍ରାମବାସୀ ତହସିଲଦାର ପଞ୍ଚାନନ ନାୟକଙ୍କୁ ସାକ୍ଷାତ କରିବା ସହ ତୁରନ୍ତ ରାସ୍ତାକୁ ଜବରଦଖଲମୁକ୍ତ ପାଇଁ ଅନୁରୋଧ କରିଥିଲେ। ତହସିଲଦାର ନାୟକ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଇ ରାଜସ୍ୱ ନିରୀକ୍ଷକ ମାଧ୍ୟମରେ ଉକ୍ତ ରାସ୍ତାର ଚିହ୍ନଟ ପରେ ଜବରଦଖଲମୁକ୍ତ କରାଯିବ ବୋଲି ଗ୍ରାମବାସୀଙ୍କୁ କହିଥିଲେ।

# ବ୍ୟାସଦେବ ଟାଉନ୍ ହଲ୍ ଖୁବ୍‌ଶୀଘ୍ର ଲୋକାର୍ପଣ ହେବ: ବିଧାୟକ

ଯାଜପୁରରୋଡ୍,୧୮।୭
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦରେ ଥିବା ବ୍ୟାସଦେବ ଟାଉନ ହଲର ନବକଳେବର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ବାକିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଏହାକୁ ଲୋକାର୍ପଣ କରାଯିବ ବୋଲି କୋରେଇ ବିଧାୟକ ଆକାଶ ଦାସ ନାୟକ ସୂଚନା ଦେଇଛନ୍ତି। ଗୁରୁବାର ବିଧାୟକ ଦାସନାୟକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ ଟାଉନହଲ ପରିଦର୍ଶନ କରିଛନ୍ତି। ଏହି ସମୟରେ ବାକି ଥିବା କାର୍ଯ୍ୟକୁ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କେଏନ୍‌ଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଇମ୍ପା ସହାୟତାରେ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଟାଉନ ହଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ବିଧାୟକଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀଙ୍କ ସହ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

ଏହି ଟାଉନ ହଲଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଏନଇେ ବ୍ୟାସନଗର ପୌରପରିଷଦର ତତ୍କାଳୀନ ପ୍ରଶାସକ କଳିଙ୍ଗନଗର ପୂର୍ବତନ ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ରଙ୍କ ପ୍ରଚେଷ୍ଟାରେ ତତ୍କାଳୀନ ଯାଜପୁର ଜିଲାପାଳ ରଞ୍ଜନ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହରବାସୀଙ୍କ ସହ ସମଗ୍ର କୋରେଇ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଟାଉନ ହଲଟି ଏକମାତ୍ର ସ୍ଥଳ ଥିଲା। ଏହାକୁ ଅନୁଭବ କରି ତତ୍କାଳୀନ ଜିଲାପାଳ କେଏନ୍‌ଡିଏ ତତ୍ତ୍ୱାବଧାନ ଓ ଇମ୍ପା ସହାୟତାରେ ଏହାର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।



ବିଧାୟକ ଟାଉନ୍‌ହଲ୍ ପରିଦର୍ଶନ କରୁଛନ୍ତି।

# ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ପୂରଣକୁ ଅପେକ୍ଷା

**ପଟ୍ଟାମୁଣ୍ଡାଇ,୧୮।୭ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ୧୮ ବର୍ଷ ହେଲା ଆନ୍ଦୋଳନ, ଧାରଣା, ଅନଶନ ଜାରି ରହିଆସିଛି। ଏବେ ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ମାନ୍ୟତା ଦାବିକୁ ବିପୁଳ ଜନସମର୍ଥନ ମଳିଛି। ୧୯୯୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ୧୩ଟି ଜିଲାକୁ ୩୦କୁ ବୃଦ୍ଧି କରିଥିବା ବେଳେ ଉପଖଣ୍ଡ ମାନ୍ୟତା ବେଳେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରାଯିବ ବୋଲି କହିଥିଲେ। ମାତ୍ର ତାଙ୍କ ଅନ୍ତେ ଦୀର୍ଘ ୨୫ ବର୍ଷ ବିଜେଡି ଶାସନରେ ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ମାନ୍ୟତା ମିଳିଲା ନାହିଁ। ପରିବର୍ତ୍ତେ ପ୍ରଶାସନିକ ଚକ୍ରାନ୍ତରେ ସୀମା ପୁନଃନିର୍ଦ୍ଧାରଣ ସମୟରେ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଲୋପ କରି ଦିଆଗଲା। ଯାହା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରାଘାତ କରିଛି। ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା ନୂତନ ସରକାର ଗଢ଼ିଛି। ହେଲେ ଦୀର୍ଘବର୍ଷ ହେଲା ବିଚାରାଧୀନ ଥିବା ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧିବଦ୍ଧ ଭାବେ କେବେ ଘୋଷଣା କରିବେ ସେନେଇ ଅଞ୍ଚଳବାସୀ ଆଶା ଭରସା ରଖିଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ସ୍ୱାର୍ଥ ପାଇଁ ସବ୍‌ଡିଭିଜନ ଏକମାତ୍ର ମହୌଷଧି



୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ଡି-ଲିମିଟେଶନ ସମୟରେ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ନିଶ୍ଚିହ୍ନ କରାଯାଇଥିଲା। ଯାହାକି ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ଭୂଲୁଣ୍ଠିତ କରିଥିଲା। ଏବେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଅବହେଳିତ ହେବା ସହ ସ୍ୱାଭିମାନ ନିଶ୍ଚିହ୍ନ ହେବାକୁ ବସିଛି। ଏହାକୁ ଫେରାଇ ଆଣିବା ପାଇଁ କେତେକ ଗଣସଙ୍ଗଠନ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରିବା ଦାବି ସମ୍ପର୍କରେ ୨୦୧୫ ବିଧାନସଭା ପ୍ରଶ୍ନ କାଳରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ ଯେବେ ଘୋଷଣା ହେବ ପଟ୍ଟାମୁଣ୍ଡାଇକୁ ଅଗ୍ରାଧିକାର ଦିଆଯିବ। ୨୦୨୩ ବିଧାନସଭା ପ୍ରଶ୍ନରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଉପଯୁକ୍ତ ସମୟରେ ସରକାର ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଏବେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଏକମାତ୍ର ମହୌଷଧି ହୋଇଥିବାବେଳେ ଘୋଷଣାକୁ ଅଞ୍ଚଳବାସୀ ଚାହିଁବସିଛନ୍ତି।

**– ପ୍ରଫୁଲ୍ଲ ଦାଶ, ସାମାଜିକ କର୍ମୀ**

## ସବ୍‌ଡିଭିଜନ ମାନ୍ୟତାକୁ ଅଗ୍ରାଧିକାରଭିତ୍ତିରେ ବିଚାର କର



ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଡବ୍ଲ୍ୟୁପିସି ୧୧୮୯/୨୦୧୮ କରାଯାଇଥିଲା। ଯେଉଁଥିରେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ସରକାର ସବ୍‌ଡିଭିଜନ ଘୋଷଣା କଲେ ପଟ୍ଟାମୁଣ୍ଡାଇକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରି ନିଷ୍ପତ୍ତି ଗ୍ରହଣ କରିବେ। ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନର ସମସ୍ତ ଭିତ୍ତିଭୂମିର କାଗଜପତ୍ରକୁ ଓଡ଼ିଶା ହାଇକୋର୍ଟର ବିଚାରପତି ତର୍ଜମା କରି ଆଶ୍ଚର୍ଯ୍ୟ ପ୍ରକଟ ମଧ କରିଥିଲେ। ସମସ୍ତ ଭିତ୍ତିଭୂମି ଥାଇ ସବ୍‌ଡିଭିଜନ ମାନ୍ୟତା ମିଳିନାହିଁ।

**– କ୍ଷୀରୋଦ ପ୍ରଧାନ, ଆଇନଜୀବୀ**

## ସବ୍‌ଡିଭିଜନ ଘୋଷଣା କଥା କଥାରେ ରହିଯାଇଛି



ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରାଯିବା ବିଗତ ବର୍ଷରୁ ଆଜି ପର୍ଯ୍ୟନ୍ତ କଥା କଥାରେ ହିଁ ରହିଯାଇଛି। କେବଳ ଆଶ୍ୱାସନା ଓ ପ୍ରତିଶ୍ରୁତି ଦିଆଯାଉଛି। ଏପରିକି ବିଧାନସଭାରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପ୍ରସଙ୍ଗ ବାରମ୍ବାର ଉତ୍ଥାପନରେ ବିଜେଡି ସରକାର ଗୋଟିଏ କଥା ସ୍ପଷ୍ଟ କରିଥିଲେ ଯେ ଏହାକୁ ଗୁରୁତ୍ୱ ସହକାରେ ବିଚାର କରନ୍ତୁ। ସରକାରଙ୍କ ଏହି ପ୍ରତିଶ୍ରୁତିକୁ ସମ୍ମାନ ଦେଇ ଭରସା କରି ପଟ୍ଟାମୁଣ୍ଡାଇବାସୀ ଅପେକ୍ଷା କରି ରହିଥିବା ବେଳେ ରାଜ୍ୟରେ ବିଜେଡି ଶାସନର ଅବସାନ ଘଟି ଏବେ ଭାଜପା ସରକାର ଗଢ଼ିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ପୂର୍ବ ସରକାର କିଛି ପଦକ୍ଷେପ ଗ୍ରହଣ କରିପାରିଲେ ନାହିଁ।

**– ଭାସ୍କର ରାଉତରାୟ**
**ଆବାହକ ଉତିକଣ ଚାଷୀ ମୂଲିଆ ସଂଗ୍ରାମ ସମିତି**

## ପୂର୍ବ ସରକାର ଅଞ୍ଚଳବାସୀଙ୍କ ସ୍ୱାର୍ଥ, ସ୍ୱାଭିମାନକୁ ଭୂଲୁଣ୍ଠିତ କରିଥିଲା



କେନ୍ଦ୍ରାପଡ଼ା ଜିଲା ପୁନଃ ଗଠନ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ କରିବାକୁ ଘୋଷଣା କରିଥିଲେ। ହେଲେ ବିଜେଡି ସରକାର ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ଭୂଲୁଣ୍ଠିତ କରିଛି। ଏବେ ଭାଜପା ସରକାର ଗଠନ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନ ଆଶା ଉଜ୍ଜୀବିତ ହୋଇଛି। ଏ ନେଇ କୌଣସି ସନ୍ଦେହର ଅବକାଶ ନାହିଁ। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ପ୍ରତି ଦଳମତ ନିର୍ବିଶେଷରେ ବିପୁଳ ସମର୍ଥନ ପ୍ରକାଶ ପାଇଛି।

**– ତାପସ ଦାସ,**
**ପଟ୍ଟାମୁଣ୍ଡାଇ ପୂର୍ବତନ ବିଧାୟକ**

# ଶ୍ରୀ ଦଧିବାମନଜୀଉଙ୍କ ସୁନାବେଶ



**ଡେରାବିଶ ୧୮।୭ (ବେବର୍ତ୍ତା ଅଜୟ ଦାସ)**

ମଙ୍ଗଳବାର ସନ୍ଧ୍ୟାରେ ଡେରାବିଶର ପରମଆରାଧ୍ୟ ଶ୍ରୀ ଦଧିବାମନଜୀଉଙ୍କ ରଥ ଚକଡ଼ା ଲାଗିଥିଲା। ବୁଧବାର ସନ୍ଧ୍ୟାରେ ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା। ବିଳମ୍ବିତ ରାତି ଯାଏ ଜୀଉଙ୍କ ସୁନାବେଶ ଦେଖିବାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ରଥ ନିକଟରେ ଭିଡ ଜମାଇଥିଲେ। ଘଣ୍ଟ ସଂକୀର୍ତ୍ତନ, ଭଜନ ସମାବେଶ ମଧ୍ୟରେ ଶ୍ରଦ୍ଧାଳୁମାନେ ନିଜକୁ ହଜାଇ ଦେଇଥିଲେ। ଭିଡକୁ ପରିଲକ୍ଷିତ କରି ଡେରାବିଶ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାରାୟଣ ସାହୁ, ସେବାୟତ ମାନସ ରଞ୍ଜନ କର, ଦୁଃଖିଶ୍ୟାମ ପଣ୍ଡା, ରଘୁନାଥ ପଣ୍ଡା, ପ୍ରକାଶ ପଣ୍ଡା, ଅକ୍ଷୟ ପଣ୍ଡା, ନାରାୟଣ ଚନ୍ଦ୍ର ପଣ୍ଡା, ବଂଶୀଧର ପଣ୍ଡା, ହରେକୃଷ୍ଣ ପଣ୍ଡା, ରତ୍ନାକର ପଣ୍ଡା ଓ ଅଶୋକ କୁମାର ପଣ୍ଡାଙ୍କ ସମେତ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ ଏବଂ ସଞ୍ଜୟ କୁମାର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଗାଁ ରାସ୍ତାରୁ ଜବରଦଖଲ ହଟାଇବାକୁ ତହସିଲଦାରଙ୍କ ଦ୍ୱାରସ୍ଥ



ନୂଆଗାଁ ଗୋଖେଇ ସାହିର ଲୋକେ ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

**ପଟ୍ଟାମୁଣ୍ଡାଇ,୧୮।୭ (କଳ୍ପତରୁ ନାୟକ)**

ଜବରଦଖଲ ଯୋଗୁଁ ଗାଁ ଗଳି ରାସ୍ତା ଏବେ ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଲୋକେ ରାସ୍ତା ଦେଇ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଗାଁ ଭିତରକୁ ଯିବାରେ ସମସ୍ୟା ସୃଷ୍ଟି ହେଉଛି। କୌଣସି ଆପାତକାଳୀନ ସମୟରେ ଅସୁବିଧାର ଭୋଗୁଛନ୍ତି ଗ୍ରାମବାସୀ। ତେଣୁ ତୁରନ୍ତ ଜବରଦଖଲରେ ଥିବା ଗାଁ ରାସ୍ତାକୁ ମୁକ୍ତ କରିବାକୁ ଗୁରୁବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୱାର୍ଡ ନଂ.୯ ନୂଆଗାଁ ଗୋଖେଇ ସାହିର ଲୋକେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନୂଆଗାଁର କେତେଜଣ ବ୍ୟକ୍ତି ଯିବା ଆସିବା ରାସ୍ତାକୁ ଜବରଦଖଲ କରି ପାଚେରି ନିର୍ମାଣ କରୁଛନ୍ତି। ଫଳରେ ରାସ୍ତାଟି ଏବେ ସଂକୀର୍ଣ୍ଣ ହୋଇଯିବା ସହ ଯାତାୟାତ କରିବାରେ ଅସୁବିଧା ହେଉଛି। ଏହାସହ କୌଣସି ଆପତକାଳୀନ ସମୟରେ ଯାନବାହନ ଯାତାୟାତ ନିମନ୍ତେ ସମସ୍ୟା ସୃଷ୍ଟି ହେଉଛି। ଏହି ପଡାର ପାଖାପାଖି ୫୦ ପରିବାର ହଇରାଣ ହେଉଛନ୍ତି। ଏହି ରାସ୍ତା ଉପରେ ଥିବା ଜବରଦଖଲ ହଟାଇବାକୁ ମାଘନାଦ ସେଠୀ, ବିଜୟ ସେଠୀ, ବୀର ସେଠୀ, କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ସେଠୀ, ଉତ୍ତମ ସେଠୀ, ଚିତ୍ତରଞ୍ଜନ ସେଠୀ, ପ୍ରମୋଦ ସେଠୀ, ଅଶୋକ ସେଠୀ, ଗୋକୁଳ ସେଠୀଙ୍କ ପ୍ରମୁଖ ଗ୍ରାମବାସୀ ତହସିଲଦାର ପଞ୍ଚାନନ ନାୟକଙ୍କୁ ସାକ୍ଷାତ କରିବା ସହ ତୁରନ୍ତ ରାସ୍ତାକୁ ଜବରଦଖଲମୁକ୍ତ ପାଇଁ ଅନୁରୋଧ କରିଥିଲେ। ତହସିଲଦାର ନାୟକ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଇ ରାଜସ୍ୱ ନିରୀକ୍ଷକ ମାଧ୍ୟମରେ ଉକ୍ତ ରାସ୍ତାର ଚିହ୍ନଟ ପରେ ଜବରଦଖଲମୁକ୍ତ କରାଯିବ ବୋଲି ଗ୍ରାମବାସୀଙ୍କୁ କହିଥିଲେ।

# ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି ଭାଗ୍ୟଧର

**ଡେରାବିଶ,୧୮।୭ (ବେବର୍ତ୍ତା ଅଜୟ ଦାସ)**



କିଡ୍‌ନୀ ରୋଗରେ ଆକ୍ରାନ୍ତ ।ଭଗ୍ୟଧରଙ୍କ ସହ ସ୍ତ୍ରୀ ସସ୍ମିତା ଓ ପୁଅ।

## କିଡ୍‌ନୀ ରୋଗରେ ଆକ୍ରାନ୍ତ, ଚିକିତ୍ସା ପାଇଁ ଅର୍ଥ ବାଧକ

ରାଜମିସ୍ତ୍ରି ଭାବେ କାର୍ଯ୍ୟ କରି ବିଭିନ୍ନ ଲୋକଙ୍କ ଘରକୁ ନିର୍ମାଣ କରିବା ସହ ନୂତନ ଘରେ ବସବାସ ପାଇଁ ସୁଯୋଗ ସୃଷ୍ଟି କରୁଥିଲେ। ମାତ୍ର ହଠାତ୍ ସ୍ୱାସ୍ଥ୍ୟଗତ କାରଣରୁ ନିଜ ଘର ଏବେ ଉଜୁଡ଼ି ଯିବାକୁ ବସିଲାଣି। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅଧୀନ ନୋଳସାହି ଗ୍ରାମରେ। ଏହି ଗ୍ରାମର ଭାଗ୍ୟଧର ସେଠୀ(୫୦) ଜଣେ ରାଜମିସ୍ତ୍ରି ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ସ୍ୱଅର୍ଜିତ ଅର୍ଥରେ ପରିବାରର ୫ ଜଣ ସଦସ୍ୟ ପ୍ରତିପୋଷଣ ହେଉଥିଲେ। ପରିବାର ବେଶ ହସଖୁସିରେ ଦିନ କାଟୁଥିବା ବେଳେ ହଠାତ ଭାଗ୍ୟଧର ଅସୁସ୍ଥ ହୋଇପଡିଥିଲେ। କଟକ ଓ ଭୁବନେଶ୍ୱରରେ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହେବା ସହ ସମସ୍ତ ପରୀକ୍ଷା କରାଇଥିଲେ। ପରେ ଭାଗ୍ୟଧରଙ୍କ ଦୁଇଟି ଯାକ କିଡନୀ ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିବା ଜଣାପଡିଥିଲା। ତେବେ ଭାଗ୍ୟଧରଙ୍କୁ ସୁସ୍ଥ କରିବା ପାଇଁ ପରିବାର ପକ୍ଷରୁ ଘରେ ରହିଥିବା ସଞ୍ଚିତ ଧନ ଖର୍ଚ୍ଚ କରିବା ପରେ ଆବଶ୍ୟକ କରୁଥିବା ଅଧିକ ଅର୍ଥ ଯୋଗାଡ ପାଇଁ ଘରେ ଥିବା ସମସ୍ତ ଅଳଙ୍କାର ସମେତ ବାସନ କୁସନ ପର ଘରେ ବନ୍ଧା ପକାଇ ଭାଗ୍ୟଧରଙ୍କୁ ଚିକିତ୍ସା କରାଯାଇଥିଲା। ଦୀର୍ଘ ୮ ମାସ ଏହି ବ୍ୟୟବହୁଳ ଚିକିତ୍ସା ପାଇଁ ଘରେ ପାଳିଥିବା ଗୋରୁ ମଧ୍ୟ ବିକ୍ରିକରି ସାରିଲେଣି। ହେଲେ ଭାଗ୍ୟଧରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଭାଗ୍ୟଧରଙ୍କ ପରିବାର ଚଳିବା ବର୍ତ୍ତମାନ କଷ୍ଟକର ହୋଇ ପଡିଛି। କ୍ଷିଣ ଓ ଦୁର୍ବଳ ଶରୀର ସହ ଗୋଡହାତ ଭଲ ଭାବେ ଚଳୁନି। ଏବେ ରୋଗର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରତି ସପ୍ତାହରେ ଦୁଇ ଥର ଡାଏଲେସିସ ହେବାକୁ ଭାଗ୍ୟଧର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ଆବଶ୍ୟକ ଅର୍ଥ ମଧ ନାହିଁ। ଏଥିସହ ପ୍ରତ୍ୟେକ ଦିନ ଖାଉଥିବା ଔଷଧ କିଣିବାକୁ ପାଖରେ ଅର୍ଥ ମଧ ଅଭାବ। ଏହି ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ସହାୟତା କରାଯାଇଛି। ମାତ୍ର ପ୍ରଶାସନିକ ସହାୟତା ଭାଗ୍ୟଧରଙ୍କୁ ଯୋଗାଇ ଦେବାକୁ ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲ୍ଲିକ, ସାମାଜିକ କର୍ମୀ ଦୈତାରୀ ଜେନା ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଭାଗ୍ୟଧରଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ଅଛନ୍ତି। ପୁଅ ନବମ ଶ୍ରେଣୀରେ, ସାନ ଝିଅ ଯୁକ୍ତ ଦୁଇରେ ପଢୁଛନ୍ତି। ବଡ ଝିଅ ପାଠପଢ଼ା ପରେ ଘରେ ରହିଛନ୍ତି। ତେବେ ପରିବାର ପାଇଁ ଏକମାତ୍ର ରୋଜଗାରକ୍ଷମ ଥିବା ଭାଗ୍ୟଧରଙ୍କ ଏପରି ଅବସ୍ଥା ପରେ ସମସ୍ତେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ତେଣୁ ସରକାରୀ ସ୍ତରରେ ଓ କେହି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ଭଗ୍ୟଧରଙ୍କ ଚିକିତ୍ସା ହୋଇପାରନ୍ତା ବୋଲି ସ୍ତ୍ରୀ ସସ୍ମିତା ନିବେଦନ କରିଛନ୍ତି।

# ଯୋଜନା ସଫଳ ରୂପାୟନ, ମୌଳିକ ସମସ୍ୟା ସମାଧାନକୁ ଗୁରୁତ୍ୱ

**ପଟ୍ଟାମୁଣ୍ଡାଇ,୧୮।୭ (କଳ୍ପତରୁ ନାୟକ)**

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ସହ ମୌଳିକ ସମସ୍ୟା ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ, ପିଇବା ପାଣି, ବିଦ୍ୟୁତ୍ ଆଦିର ସମାଧାନ କରି ପୌରାଞ୍ଚଳବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତ ଅସମ୍ପୂର୍ଣ୍ଣ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ସମସ୍ୟା ବର୍ଷା ଜଳ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନିର୍ମାଣ, ଭେଣ୍ଡିଂ ଜୋନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ, ଭଡ଼ା, ବୁଲା ଗୋରୁ ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପୂର୍ତ୍ତ ବିଭାଗ ରାସ୍ତା, ଡ୍ରେନ ନିର୍ମାଣ ଓ ଉନ୍ନତିକରଣ, ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ, ମୁକ୍ତା ଯୋଜନାରେ କର୍ମନିଯୁକ୍ତି ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କାଉନସିଲର ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ସାନିଆ ପରମିନ ସାହେବା, ପ୍ରିୟଙ୍କା ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ରିନାରାଣୀ ମଲ୍ଲିକ, ସୁଧାମୟ ମଲ୍ଲିକ, ସୁବାସ ମଲ୍ଲିକ, ଝରଣା ବେହେରା, ମଳୟ ଓଝା, ସମ୍ରାଟ ଜେନା, ବିଦ୍ୟାଧର ସେଠୀ ଓ ବନିତା ମଲ୍ଲିକ ପ୍ରମୁଖ ନିଜ ନିଜ ୱାର୍ଡର ସମସ୍ୟା ଉଥାପନ କରିଥିଲେ। ପୌର ଅଧକ୍ଷ ବିଭିନ୍ନ ୱାର୍ଡ ସମସ୍ୟା ସମାଧାନ ପାଇଁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ଭାରତ ଭୂଷଣ ଦାସ, ପୌର ସହ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ଉପନିର୍ବାହୀ ଯନ୍ତ୍ରୀ ସମୀର ଠାକୁର, ସହସହକାରୀ ଯନ୍ତ୍ରୀ ସୁଶୀଲ ବେହେରା ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

# ଦିଲ୍ଲୀ ରଥଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇର ଝିଅ

**ପଟ୍ଟାମୁଣ୍ଡାଇ୧୮।୭**
**(କଳ୍ପତରୁ ନାୟକ)**

ନୂଆଦିଲ୍ଲୀର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉତ୍ସବ ପାଳନ ଅବସରରେ ୯ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାମଧନ୍ୟ କଳାକାରମାନେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ଗ୍ରାମର ପ୍ରବାସୀ ପ୍ରଦ୍ୟୁମ୍ନ ଦାସଙ୍କ କନ୍ୟା ଶ୍ରୀୟଙ୍କା ଓଡ଼ିଶୀ ଓ ଗୀତିନାଟ୍ୟ କାଞ୍ଚି ଅଭିଯାନ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ମୋହି ଥିଲେ।



ଶ୍ରୀୟଙ୍କା ଦାସ

# ଚଣ୍ଡିପୁର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି

**ରସୁଲପୁର,୧୮।୭ (ରଞ୍ଜିତ ରାଉତ)**

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତର ଚଣ୍ଡିପୁର ଅଙ୍ଗନୱାଡି କେନ୍ଦ୍ର-୪ରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କେନ୍ଦ୍ରର ତାଲା ଭାଙ୍ଗି ଘରୁ ୨ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ପ୍ରେସର କୁକର ଚୋରି କରି ନେଇଛନ୍ତି। ଏନେଇ କେନ୍ଦ୍ରର କର୍ମୀ ତପସ୍ୱିନୀ ମଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନମ୍ବର-୩୧୬/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତପସ୍ୱିନୀ ତାଲିମ ଶିବିରରେ ଯୋଗ ଦେବାକୁ ଯାଇଥିଲେ। ସହାୟିକାଙ୍କୁ କେନ୍ଦ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ସକାଳ ୯ଘଟାରେ କେନ୍ଦ୍ର ତାଲା ଖୋଲା ଥିବା ସହାୟିକା ଦେଖିବାକୁ ପାଇଥିଲେ। ଏନେଇ ସେ କେନ୍ଦ୍ର କର୍ମୀ ତପସ୍ୱିନୀଙ୍କୁ ଅବଗତ କରାଇଥିଲେ। ପରେ କର୍ମୀ ଶିବିରରୁ ଆସି କେନ୍ଦ୍ରରେ ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ।

# ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ

**ପଟ୍ଟାମୁଣ୍ଡାଇ,୧୮।୯ (କଳ୍ପତରୁ ନାୟକ)**



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ, ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଅନ୍ୟମାନେ।

## ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ୩ୟ ବୈଠକ

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ୩ୟ ଅଧିବେଶନ ବ୍ଲକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ, ପରିମଳ ଓ ମହିଳା ଶିଶୁ ବିକାଶ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଦୂର କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ କେନ୍ଦ୍ର ସରକାର ପଟ୍ଟାମୁଣ୍ଡାଇ ବ୍ଲକର ୮ଟି ଗାଁକୁ ଇକୋ ସେନସିଟିଭ ଜୋନରେ ସାମିଲ କରିଥିବା ସୂଚନା ଦେଇ ପଞ୍ଚାୟତ ପ୍ରତିନିଧିଙ୍କ ମତ ଅନୁଯାୟୀ ଅଞ୍ଚଳବାସୀ ଠିକ ଫୋରମରେ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ନିଜର ଦକ୍ଷତା ପ୍ରଦର୍ଶନ କରିଛି। ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ଉପରେ ପ୍ରଶାସନିକ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏ ଦିଗରେ ସରକାରୀ ସ୍ତରରେ ସମସ୍ତ ସହଯୋଗ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରାପଡ଼ା ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଶଶିକାନ୍ତ ସ୍ୱାଇଁ ବୈଠକରେ ପ୍ରଥମେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଉନ୍ନତମାନର ଛତୁଆ ଯୋଗାଣ, ସ୍ୱଚ୍ଛ ଭାରତ ଅଭିଯାନରେ ଅନିୟମିତତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତରେ ପ୍ରକୃତ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଶିକ୍ଷକ, ଡାକ୍ତର ନିଯୁକ୍ତି ଓ ପାନୀୟ ଜଳ ସମସ୍ୟା ଦୂର ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ।

ବୈଠକରେ ମୁଖ୍ୟତଃ ପାନୀୟଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ ଓ ମହିଳା ଶିଶୁ ବିକାଶ ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ସାନଜରିଆ ସରପଞ୍ଚ ନିରାକାର ନାୟକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବେଳେ କ୍ଷତିଗ୍ରସ୍ତ ରାସ୍ତା ମରାମତି ଓ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଥିଲେ। ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ପଞ୍ଚାୟତ ସମିତି ରିଜୋଲେସନ କରିବାକୁ ଅନୁରୋଧ କରିବା ସହିତ ସିଂହଗାଁ ପଞ୍ଚାୟତର ବିଭିନ୍ନ ସମସ୍ୟା ଉଠାଇ ଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ ପାନୀୟଜଳ ସମସ୍ୟା, ଉପଯୁକ୍ତ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ପଞ୍ଚାୟତରେ ୨ଟି ଡିଲର ନିଯୁକ୍ତି ଦାବି କରିଥିଲେ। ଶାସନ ସରପଞ୍ଚ ସଂଗ୍ରାମ ବାରିକ ମାଳିପୁର ଗ୍ରାମକୁ ପାନୀୟ ଜଳ ଯୋଗାଇବା ଓ ଶିକ୍ଷକ ଡେପୁଟେସନ ବନ୍ଦ କରିବାକୁ ଦାବି କରିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣରେ ଅନିୟମିତତାର ତଦନ୍ତ ପାଇଁ ଦାବି କରିଥିଲେ। ଗଙ୍ଗାରାମପୁର ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ ଡିଲରମାନେ ଖାଉଟିଙ୍କୁ କୁପନ ପ୍ରଦାନ କରିବାକୁ ଦାବି କରିଥିଲେ। ନରସିଂହପୁର ସରପଞ୍ଚ ଦୀପ୍ତିମୟି ପରିଡା ପାନୀୟଜଳ ସମସ୍ୟା ଓ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ଦିହୁଡିପୁର ସରପଞ୍ଚ ନରେଶ ମଲିକ ଗରିବ ଲୋକଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଚନ୍ଦନନଗର ସମିତିସଭ୍ୟ ମାନସ ମଲିକ ଅଧଯୋଡି ଗ୍ରାମର ପାନୀୟଜଳ ସମସ୍ୟା ଦୂର କରିବା ସହ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ତ୍ୱରାନ୍ୱିତ କରିବାକୁ କହିଥିଲେ। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ମଞ୍ଜୁରୀ ପାଇଥିବା ୫୮ ଡାକ୍ତର ପଦବୀ ମଧ୍ୟରୁ ୯ ଜଣ ଡାକ୍ତର ନିଯୁକ୍ତି ଦିଆଯାଇଥିବାରୁ ଉପସ୍ଥିତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ସବ୍‌ଡିଭିଜନ ହସ୍ପିଟାଲ ସମେତ ସମସ୍ତ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ବିଗତ ବୈଠକ ବିବରଣୀ ପାଠ କରିବା ସହିତ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡା, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ଜିଲାପରିଷଦ ସଦସ୍ୟା ଜ୍ୟୋତିର୍ମୟୀ ବେହେରା ଓ ପ୍ରିୟଦର୍ଶନୀ ତରାଇ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

ତାମ୍ପରାକୁ ସଂକୁଚିତ କରି ନିର୍ମାଣ ପ୍ରସଙ୍ଗ

# ସେପ୍ଟେମ୍ବର ୨ ସୁଦ୍ଧା ସତ୍ୟପାଠ ଦେବାକୁ ଏନଜିଟିଙ୍କ ନିର୍ଦ୍ଦେଶ

ଛତ୍ରପୁର,୧୮।୭ (ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ଛତ୍ରପୁର ନିକଟ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ କାର୍ଯ୍ୟ ସମ୍ପର୍କରେ କୋଲକତାସ୍ଥିତ ଏନଜିଟି ଇଷ୍ଟର୍ନ ଜୋନରେ ପୁଣି ଶୁଣାଣି ହୋଇଛି। ଏନଜିଟି ଛାଟ ପରେ ଗତ ୧୧ ମାସ ହେଲା ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନ ବାଧ୍ୟ ହୋଇଛି। ସେପ୍ଟେମ୍ବର ୨ ସୁଦ୍ଧା ଗଞ୍ଜାମ ଜିଲାପାଳଙ୍କୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଏଥିପାଇଁ ୧୨ ସପ୍ତାହ ସମୟ ମାଗିଥିଲେ ଏବଂ ଏନଜିଟି ଏହାକୁ ମଞ୍ଜୁର କରିଥିଲେ। ପୂର୍ବରୁ ଏହା ଉଛେଦ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ ଏବଂ ସତ୍ୟପାଠ ଜରିଆରେ ଜଣାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଭାରତ ସରକାରଙ୍କ ଭାରତ ଦର୍ଶନ ଯୋଜନାରେ ତାମ୍ପରାର ବିକାଶ ପାଇଁ ଅନୁଦାନ ମିଳିଥିବା ନେଇ ପ୍ରତିପକ୍ଷଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। କଟକସ୍ଥିତ ୱାଇଲ୍ଡ ଲାଇଫ ସୋସାଇଟି ପକ୍ଷରୁ କୋଲକତାସ୍ଥିତ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚରେ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ପିଟିସନ ଦାଖଲ ହୋଇଥିଲା। ପରେ ବେଞ୍ଚ ପକ୍ଷରୁ ନୋଟିସ ସହ କମିଟି ଗଠନ କରି ଅନୁଧ୍ୟାନ ରିପୋର୍ଟ ସତ୍ୟପାଠ ଜରିଆରେ ଜିଲ୍ଲାପାଳ ଏକ ସତ୍ୟପାଠ ଦାଖଲ କରିଥିଲେ । କମିଟି ଗଠନ ହୋଇଛି ଏବଂ ଏହି କମିଟି ତାମ୍ପରା ହ୍ରଦ ପରିଦର୍ଶନ କରିଥିଲେ। ଅଗଷ୍ଟ ୧୨ ତାରିଖରୁ ତାମ୍ପରା ହ୍ରଦ ନିକଟରେ ନିର୍ମାଣ କାର୍ଯ୍ୟ ବନ୍ଦଥିବା ଉକ୍ତ ସତ୍ୟପାଠରେ ଦର୍ଶାଯାଇଥିଲା। ନିର୍ମାଣକାରୀ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି। ଅପରପକ୍ଷରେ ତାମ୍ପରା ହ୍ରଦକୁ ସଂକୁଚିତ କରି ନିର୍ମାଣ କାର୍ଯ୍ୟ କରାଯାଇଥିବା ସମ୍ବନ୍ଧରୟ ଫଟୋ ସହ ଆଉ ଏକ ସତ୍ୟପାଠ ଆବେଦନକାରୀଙ୍କ ପକ୍ଷରୁ ଏନଜିଟିଙ୍କ ଠାରେ ଦାଖଲ କରାଯାଇଥିଲା । ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ତାମ୍ପରା ରିସର୍ଟ ନିର୍ମାଣ କରାଯାଇଛି।

## ସଦ୍‌ଗୁରୁଙ୍କ ୯୨ ତମ ଜୟନ୍ତୀ

ବୁଗୁଡ଼ା,୧୮।୭(କାଳିଚରଣ ଦାଶ)

ଦିବ୍ୟ ଦର୍ଶନ ସଂଘର ପ୍ରତିଷ୍ଠାତା ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜ୍ଜୁନଙ୍କ ୯୨ ତମ ଜୟନ୍ତୀ ଉତ୍ସବ କୁବରେଶ୍ୱର ମନ୍ଦିର ରାସ୍ତାରେ ଥିବା ଆଦିପୁର ଦିବ୍ୟ ଦର୍ଶନ ଜରାଶ୍ରମଠାରେ ପାଳିତ ହୋଇଯାଇଛି। ଦିବ୍ୟ ଦର୍ଶନ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଦିବ୍ୟ ଦର୍ଶନ ସଂଘର ବରିଷ୍ଠ କେନ୍ଦ୍ରୀୟ ଗୁରୁ ପ୍ରଭାକର ପ୍ରଧାନ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ସମାଜସେବୀ ପ୍ରଭାକର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ନୀଳମାଧବ ଆଚାରୀ, ଓକିଲ ସୀମାଞ୍ଚଳ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯିବା ସହ ଆଶ୍ରମ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଣ୍ଟନ ଓ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା।

# ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳାଭାବ

ଦାରିଙ୍ଗବାଡି, ୧୮।୭(ଅରୁଣ ସାହୁ)



- କାମରେ ଆସୁନି ଲକ୍ଷାଧିକ ଟଙ୍କାର ପ୍ରକଳ୍ପ
- ନିମ୍ନମାନର ଟାଙ୍କି ନିର୍ମାଣ ମୁଖ୍ୟ କାରଣ

ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ। ଲକ୍ଷାଧିକ ଟଙ୍କାରେ ଖର୍ଚ୍ଚ କରାଯାଇଥିବା ପାଣି ଟାଙ୍କିରୁ ପାଣି ଗଳୁଛି। ଦୀର୍ଘ ମାସ ହେବ କାର୍ଯ୍ୟ ଶେଷ ହେବା ପରେ ପାଣି ଭର୍ତ୍ତି କରାଯାଇଥିଲା।ହେଲେ ସେଥିରୁ ପାଣି ଗଳିବା ପରେ ଆଉ ପାଣି ଉଠାଯାଉନି କି ଜଳ ଯୋଗାଣକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଦାରିଙ୍ଗବାଡି ଦୁଇ ଦୁଇଟି ପାଣିଟାଙ୍କି ଅଚଳ ହୋଇପଡିଛି। ପୂର୍ବରୁ ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଯାହାକି ପ୍ରଥମରୁ ପାଣି ଭର୍ତ୍ତି କରିବା କ୍ଷଣି ଗଳିବା ଆରମ୍ଭ କରିଥିଲା, କିନ୍ତୁ ତା'ର ସମାଧାନ କରାଯାଇପାରିଲା ନାହିଁ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ଉଚ୍ଚ କ୍ଷମତାବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଗଲା ଓ ପାଇପ ଯୋଗେ ଜଳଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଏବେ ସେହି ପ୍ରକଳ୍ପ ଅଚଳ ହୋଇଯାଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳ ଯୋଗାଣ ବିଭିନ୍ନ କ୍ୱାର୍ଟର୍ସରେ ଲାଗିଥିବା ଛୋଟ ଛୋଟ ଟାଙ୍କି ମାଧ୍ୟମରେ କରାଯାଉଛି। ଫଳରେ ସବୁ ସମୟରେ ଜଳ ଠିକ ଭାବେ ମିଳୁନି ଛୋଟ ଟାଙ୍କିଗୁଡ଼ିକରୁ ଶୀଘ୍ର ପାଣି ଖାଲି ହୋଇପଡୁଥିବା ବେଳେ ବାରମ୍ବାର ଜଳ ଉଠାଯାଉଥିବାରୁ ବିଦ୍ୟୁତ ବିଲ୍ ଖର୍ଚ୍ଚରେ ବୃଦ୍ଧି ପାଉଛି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିକଟରେ କୌଣସି ଉତ୍ତର ମିଳୁନି କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତ୍ତର ମିଳୁ ନ ଥିବା ବେଳେ ବିଭାଗର ଦାରିଙ୍ଗବାଡି ସହକାରୀ ଯନ୍ତ୍ରୀ କ୍ଷୀରବ୍ଧ ରାଉତ କହିଛନ୍ତି ଯେ, ଏଠାରେ ନିଯୁକ୍ତି ପରଠାରୁ କୌଣସି ଦାୟିତ୍ୱ ପାଇ ନ ଥିବାରୁ କେତେ ଖର୍ଚ୍ଚ ଓ କାହିଁକି ଅଚଳ ହୋଇଛି ସେ ସମ୍ପର୍କରେ କହିହେବ ନାହିଁ ବୋଲି କହିଛନ୍ତି। ବାଲିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଆମେ ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି। ତେବେ ଦୈନିକ ଶହ ଶହ ରୋଗୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ତାଙ୍କ ସମ୍ପର୍କୀୟମାନେ ମଧ୍ୟ ଆସୁଛନ୍ତି, ତେଣୁ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାଁ ମଝି ରାସ୍ତାରେ ଜମି ରହୁଛି ବର୍ଷା ପାଣି



ଗୁମ୍ମା,୧୮।୭(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ଗାଇବା କ୍ରିଷ୍ଟିୟାନ ସାହିକୁ ଯିବା ମୁଖ୍ୟ ରାସ୍ତାରେ ଟିକିଏ ବର୍ଷା ହେଲେ ପାଣି ଜମା ହୋଇ ରହୁଛି। ଯାହାଦ୍ୱାରା ଲୋକମାନଙ୍କୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ମରାମତି ହୋଇପାରୁନି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପଞ୍ଚାୟତର ସରପଞ୍ଚଙ୍କୁ ଏହି ରାସ୍ତା ବିଷୟରେ ଜଣାଇ ଦିଆଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୋଟିଏ ଦିନ ବର୍ଷା ହେଲେ ୧୫ ରୁ ୨୦ ଦିନ ଯାଏ ପାଣି ଜମା ହୋଇ ରହୁଛି। ଫଳରେ ବୃଦ୍ଧାବୃଦ୍ଧମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିକଟରେ ପ୍ରାଥମିକ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି। ଛୋଟ ଛୋଟ ପିଲାମାନେ ପ୍ରତିଦିନ ସେହି କାଦୁଅ ପାଣି ଦେଇ ସ୍କୁଲ ଓ ଅଙ୍ଗନୱାଡିକୁ ଯିବା ଆସିବା କରନ୍ତି। ଯଦି କୌଣସି ପ୍ରକାର ରୋଗରେ ଆକ୍ରାନ୍ତ ହେଲେ ସେଥିପାଇଁ ଦାୟୀ କିଏ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ବର୍ଷରୁ ଅଧିକ ଦିନ ହୋଇଗଲା କିନ୍ତୁ ଟିକିଏ ରାସ୍ତା ହେଇପାରୁନି। ଗାଁ ମଝି ରାସ୍ତାରେ ଏଭଳି ବର୍ଷା ପାଣି ଜମା ହୋଇଥିବା ଦେଖି ସମିତିସଭ୍ୟା ବାସନ୍ତୀ ପାଣି, ୱାର୍ଡ ମେମ୍ବର ସୁଧକାର ଲିମା, ମହେନ୍ଦ୍ର ପ୍ରଧାନ, ଅଜିତ ବେବର୍ତ୍ତା, ଲୁଲୁ ଲିମା, ବିନାୟକ ମାଛ, ଗପାଳ ପ୍ରଧାନ, ମାନୁଏଲ ମାଛ ଅଭିଯୋଗ କରିଛନ୍ତି।

# କରସିଙ୍ଗି ହାଇସ୍କୁଲକୁ ମନ୍ତ୍ରୀଙ୍କ ପରିଦର୍ଶନ

## ପଦାରେ ପଡ଼ିଲା ୫-ଟି ଘୋଟାଲା, ମାନିଲେ ପ୍ରଧାନ ଶିକ୍ଷକ

ବୁଗୁଡା,୧୮।୭(କାଳିଚରଣ ଦାଶ)



ଆଲୋଚନା କରୁଛନ୍ତି ମନ୍ତ୍ରୀ।

ଗତ ସରକାରଙ୍କ ଅମଳରେ ୫-ଟି ଅଧୀନରେ ସମସ୍ତ ହାଇସ୍କୁଲକୁ ଚକାଚକ କରି ଉତ୍ତମ ଶିକ୍ଷା ପ୍ରଦାନ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ କେତେକ ବିଦ୍ୟାଳୟରେ କେଉଁଠି କେବଳ ରଙ୍ଗ ମାରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ବେଳେ ଆଉ କେଉଁଠି ନୂତନ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲେ ହେଁ ଚାବି ପକାଇ ରଖାଯାଇଥିବାରୁ ପିଲାମାନେ ବାରଣ୍ଡାରେ ବସିବାକୁ ବାଧ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୫-ଟି ଅଧୀନରେ ରୂପାନ୍ତରଣ ଆଳରେ ଘୋଟାଲା ହୋଇଥିବା ନେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଆଗରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବେହେରା ସ୍ୱୀକାର କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କରସିଙ୍ଗି ଯାଇଥିବା ବେଳେ ଅଚାନକ ସେଠାକାର ହାଇସ୍କୁଲ ମଧ୍ୟକୁ ପ୍ରବେଶ କରିଥିଲେ। ସେଠାରେ ପିଲାଏ ବାରଣ୍ଡାରେ ବସି ପଢୁଥିବା, ଦୁଇଟି ନୂଆ କୋଠରିରେ ତାଲା ପଡିଥିବା, ପାନୀୟ ଜଳ ଓ ଶୌଚାଳୟର କୌଣସି ବ୍ୟବସ୍ଥା ନ ଥିବା ଆଦି ମନ୍ତ୍ରୀଙ୍କ ନଜରକୁ ଆସିଥିଲା। ଏ ନେଇ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା ବେଳେ ମାତ୍ର ୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ଠିକାଦାର ୪୫ ଲକ୍ଷ ଟଙ୍କା ବିଲ୍ କରିଥିବା ବେଳେ ଉପର ଆଡୁ ପ୍ରେସର ହେବାରୁ ସେ ୪୫ ଲକ୍ଷ ଟଙ୍କା ଉଠାଇ ଦେବାକୁ ବାଧ୍ୟ ହୋଇଥିଲେ ବୋଲି ମନ୍ତ୍ରୀଙ୍କ ଆଗରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାର ନିର୍ମାଣ ସରିଥିବା ଦୁଇଟି ଶ୍ରେଣୀ ଗୃହକୁ ତାଲା ପକାଇ ରଖିଥିବାରୁ ପିଲାମାନେ ବାରଣ୍ଡାରେ ବସୁଥିବା କଥା ଶୁଣିବା ପରେ ମନ୍ତ୍ରୀଙ୍କ ଉପସ୍ଥିତିରେ ଉକ୍ତ ଶ୍ରେଣୀ କକ୍ଷ ଦ୍ୱୟର ତାଲା ଭଙ୍ଗା ଯାଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଥିବା ଏହି ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିବା ବେଳେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେବା ସାଙ୍ଗକୁ ସେମାନଙ୍କୁ ଚରିତ୍ରବାନ କରିବାପାଇଁ ଶିକ୍ଷକମାନଙ୍କୁ ତାଗିଦ କରିବା ସହିତ ବିଦ୍ୟାଳୟର ପୁରୁଣା କାନ୍ଥରେ ଚୂନ ମାରି ୫-ଟି ଅନୁଦାନ ରାଶି ହଡ଼ପ ହୋଇଥିବାରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ବିଦ୍ୟାଳୟର ଉନ୍ନତୀକରଣ କରାଯିବ ବୋଲି କହିଥିଲେ। ୫-ଟି କାର୍ଯ୍ୟ ହୋଇଥିବା ଅନ୍ୟାନ୍ୟ ସବୁ ବିଦ୍ୟାଳୟର ମଧ୍ୟ ଉଚିତ ତଦନ୍ତ ହେବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

# ରଘୁନାଥ ସାହିର ମୁଖ୍ୟରାସ୍ତା ଜଳାର୍ଣ୍ଣବ

ଗଞ୍ଜାମ,୧୮।୭(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡ ରଘୁନାଥ ସାହିର ମୁଖ୍ୟରାସ୍ତାରେ ବର୍ଷାଜଳ ନିଷ୍କାସିତ ହୋଇନାପାରି ଜଳାର୍ଣ୍ଣବ ହୋଇଛି। ଯଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଯିବାଆସିବା କ୍ଷେତ୍ରରେ ନାହିଁ ନଥିବା ସମସ୍ୟା ସୃଷ୍ଟି କରୁଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ସହରରେ ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ଦୃଷ୍ଟିଦେଇ ଜଳ ନିଷ୍କାସନ କରିବା ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି। ଏଥିସହ ଅସ୍ଥାୟୀ ସୁଇପରମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସହରରେ ସାତ ଦିନ ହେବ ସଫେଇ ହୋଇନି। ସହର ସାରା ଅଳିଆ ଆବର୍ଜନା ଏଣେତେଣେ ପଡ଼ିଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

## ସହରରେ ସାଇକେଲ ଚୋରି ବଢୁଛି

ବୁଗୁଡ଼ା,୧୮।୭(କାଳିଚରଣ ଦାଶ)

ବୁଗୁଡ଼ା ପୋଲିସକୁ ସାଇକେଲ ଚୋରଙ୍କ ଚ୍ୟାଲେଞ୍ଜ। ପୋଲିସର ଅପାରଗତାରୁ ସହରରେ ସାଇକେଲ ଚୋରି ବଢ଼ିବାରେ ଲାଗିଛି। ଚଳିତ ମାସରେ ବିଭିନ୍ନ କୋଚିଂ ସେଣ୍ଟର ଏବଂ ମୁଖ୍ୟ ସଡକସ୍ଥିତ ଅନେକ ଦୋକାନ ସମ୍ମୁଖରୁ ଅନେକ ସାଇକେଲ ଚୋରି ହୋଇଛି। ଗୁରୁବାର ପୁଣି ଅରବିନ୍ଦ ନଗରସ୍ଥିତ ଏକ କୋଚିଂ ସେଣ୍ଟରରୁ ପିପୁଲ୍ସ ହାଇସ୍କୁଲର ଜଣେ ଛାତ୍ରଙ୍କ ସାଇକେଲ ଚୋରି ହୋଇଛି। ପୂର୍ବରୁ ଏହି କୋଚିଂ ସେଣ୍ଟରର ୨ଟି ସାଇକେଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲ। ଚୋରି ଘଟଣାର ଦୃଶ୍ୟ ମଧ୍ୟ ସିସିଟିଭି କ୍ୟାମେରାରେ ରହିଥିଲେ ମଧ୍ୟ ଚୋରକୁ ଧରିବା କ୍ଷମତା ପୋଲିସର ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ଖାଲଢିପରେ ଭର୍ତ୍ତି ଜନେଲି କୁମ୍ଭା ରାସ୍ତା, ନିର୍ମାଣ ଦାବି

ଖଜୁରୀପଡ଼ା,୧୮।୭(ବିଦୁର ବେହେରା)



ରାସ୍ତା ସାରା ଖାଲ ଢିପ। ଖାଲରେ ବର୍ଷା ପାଣି ଜମି ରାସ୍ତା ଜଣାପଡୁନି। କାଦୁଅରେ ରାସ୍ତା ଖସଡ଼ା ଯୋଗୁ ବାରମ୍ବାର ଗାଡ଼ି ଦୁର୍ଘଟଣା ଘଟୁଛି ବୋଲି ଖଜୁରିପଡ଼ା ବ୍ଲକ ଅଧୀରେ ଥିବା ପିରିକୁଡି ସରପଞ୍ଚ ଉମା ଚରଣ ମଲ୍ଲିକ କହିଛନ୍ତି। ପିରୀକୁଡ଼ି ପଞ୍ଚାୟତର ଜନେଲି କୁମ୍ଭା ଗାଁଟି ପଞ୍ଚାୟତ ଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଗାଁରେ ୫୦ରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ଉକ୍ତ ଗାଁକୁ ଲାଗିରହିଛି ବରସାହି, ପୀରିକୁଡ଼ି ଆଦିବାସୀ ସାହି ଓ ବିଡିହେରି ଗ୍ରାମ। ଏହି ଗ୍ରାମଗୁଡ଼ିକ ସହିତ କୁସୁମଖୋଲ ଗ୍ରାମର ଲୋକମାନେ ମଧ୍ୟ ପ୍ରତିଦିନ ଏହି ରାସ୍ତା ଦେଇ ବିଭିନ୍ନ କାର୍ଯ୍ୟ ପାଇଁ ଫୁଲବାଣୀ ସହରକୁ ହେଉ ବା ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟକୁ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ କରନ୍ତି। ହେଲେ ରାସ୍ତାର ଅବସ୍ଥା କଦର୍ଯ୍ୟ ହୋଇଥିବାରୁ ଗାଁକୁ ଯିବା ଆସିବା କରିବାରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ତେଣୁ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରି ରାସ୍ତା ନିର୍ମାଣ ପାଇଁ ଦାବି କରୁଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ଦାବି ପୂରଣ ହୋଇପାରି ନାହିଁ। ଯଦି ସରକାର ଉକ୍ତ ରାସ୍ତା ନିର୍ମାଣ ନ କରନ୍ତି ତେବେ ଆନ୍ଦୋଳନ ପନ୍ଥା ଆପଣେଇବୁ ବୋଲି ସରପଞ୍ଚ କହିଛନ୍ତି ।

## ଜୟନ୍ତିପୁରରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

ପାତ୍ରପୁର,୧୮।୭
(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମରେ କିଛି ଦିନ ହେଲା ଜ୍ୱର ଆତଙ୍କ ଦେଖାଦେଇଛି। ଏଥିରେ ଶତାଧିକ ଲୋକ ଆକ୍ରାନ୍ତ ହେଇ ଆନ୍ଧ୍ର, ପଲାସା ଓ ବ୍ରହ୍ମପୁରର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପରେ ଗୁରୁବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୫ ଜଣିଆ ସ୍ୱାସ୍ଥ୍ୟ ଟିମ ଗ୍ରାମରେ ପହଞ୍ଚି ଆକ୍ରାନ୍ତମାନଙ୍କର ରକ୍ତ ନମୁନା ସଂଗ୍ରହ କରି ବ୍ରହ୍ମପୁର ପଠାଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ସମ୍ବିତ ବେଗରାୟଙ୍କ ନିର୍ଦ୍ଦେଶରେ ଡା. ଅଜିତ ତ୍ରିପାଠୀ, ସନ୍ତୋଷୀନି ପାତ୍ର, ପ୍ରିୟତମା ପାତ୍ର, ଖଗେଶ୍ୱର ବେହେରା, ଦୀପକ ମହାପାତ୍ର, ସ୍ଥାନୀୟ ଅଙ୍ଗନୱାଡି ଓ ଆଶା କର୍ମୀ ଗ୍ରାମରେ ପହଞ୍ଚି ଲୋକଙ୍କୁ ଡେଙ୍ଗୁ ଜ୍ୱର ନେଇ ସଚେତନ କରିଥିଲେ।

# କନ୍ଧମାଳରେ ୬୦୦୦ ସଦସ୍ୟତା କରିବ ଏବିଭିପି

ଫୁଲବାଣୀ, ୧୮।୭(ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ମା' ନାରାୟଣୀଙ୍କ ସଭା ଗୃହରେ ଗୁରୁବାର ଅଖିଳ ଭାରତୀ ବିଦ୍ୟାର୍ଥି ପରିଷଦ(ଏବିଭିପି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ କର୍ମକର୍ତ୍ତାମାନେ ଯୋଗଦେଇ ଏବିଭିପିର ସଦସ୍ୟତା ସଂଖ୍ୟା ବୃଦ୍ଧି କରିବା, ଛାତ୍ର ସଂସଦ ନିର୍ବାଚନ କରିବା ଏବଂ ଶିକ୍ଷାର ଅଗ୍ରଗତି ଉପରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। କନ୍ଧମାଳ ଜିଲାରେ ଥିବା କଲେଜ ଗୁଡ଼ିକରେ ଆଗାମୀ ଦିନରେ ୬୦୦୦ ସଦସ୍ୟତା କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ଶିକ୍ଷା ବର୍ଷରେ ନୂତନ ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ। ଚଳିତ ଶିକ୍ଷା ବର୍ଷରେ ଜିଲାରେ ୬୦୦୦ ସଦସ୍ୟତାର ଲକ୍ଷ୍ୟ ରଖା ଯାଇଛି । ଚଳିତ ମାସ ୧୮ ତାରିଖରୁ ଅଗଷ୍ଟ ୧୦ ଯାଏ ସଦସ୍ୟତା ଅଭିଯାନ ଜାରି ରହିବ। ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି। ତେଣୁ ଚଳିତ ବର୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ସଂଗଠନ କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁଗ୍ମ ସମ୍ପାଦିକା ସଞ୍ଜନା କହଁର, ଗାମ ବିଭାଗ ସହ ସଂଯୋଜକ ରୁଦ୍ରପ୍ରସାଦ ସେଠୀ, କନ୍ଧମାଳ ଜିଲା ସଭାପତି ସନ୍ତୋଷ କୁମାର ଦଳବେହେର, ସଂଯୋଜକ ଅମ୍ଲାନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଆସ୍ଥାଭୋଟର ସମ୍ମୁଖୀନ ହେବେ ଫୁଲବାଣୀ ପୌରାଧ୍ୟକ୍ଷା

ଫୁଲବାଣୀ,୧୮।୭(ରାକେଶ କୁମାର ରାଉତ)

ସରକାରରେ ଥାଇ ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଶୁକ୍ରବାର ଆସ୍ଥା ଭୋଟର ସମ୍ମୁଖିନ ହେବାକୁ ଯାଉଛନ୍ତି। ଭାଜପା ଟିକେଟରେ ଜିତିଥିବା ପୌରାଧ୍ୟକ୍ଷାଙ୍କ ଏହା ରାଜନୈତିକ ଜୀବନର ଶେଷ ପାହାଚ ବୋଲି ରାଜନୀତିଜ୍ଞମାନେ ଆଲୋଚନା କରୁଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପୌର ପରିଷଦ କାର୍ଯ୍ୟାଳୟରେ ସକାଳ ୧୦ଟାରେ ଅନାସ୍ଥା ଉପରେ ଆଲୋଚନା ହେବ। ଏହାପରେ ଭୋଟ ଗ୍ରହଣ ହେବ।

ବିଗତ ପୌର ପରିଷଦ ନିର୍ବାଚନ ବେଳେ ବିଜେଡି ସରକାରରେ ଥିଲା। ସିଧାସଳଖ ନିର୍ବାଚନରେ ଭାଜପାରୁ ଲଢୁଥିବା ସ୍ମିତାରାଣୀ ବିଜୟୀ ହୋଇ ପୌରାଧ୍ୟକ୍ଷା ହୋଇଥିଲେ। ନିଜ କାର୍ଯ୍ୟକାଳ ଆରମ୍ଭରୁ ସେ ବିବାଦୀୟ ହୋଇ ପଡିଥିଲେ। ମନଇଚ୍ଛା ମିଥ୍ୟା ବିଲ କରି ଲୁଟ୍ କରିବା ଆରମ୍ଭ କରିଥିଲେ। ଯାହାକୁ ନେଇ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ଆରମ୍ଭ ହୋଇଥିଲା । ଫଳରେ ଗତ ଏପ୍ରିଲରେ ପ୍ରଥମ କରି ତାଙ୍କ ନାମରେ ଅନାସ୍ଥା ଅଣା ଯାଇଥିଲା। ତାଙ୍କୁ ଚିଠି କରା ଯାଇ ନ ଥିବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଅନାସ୍ଥା ଉପରେ ଭୋଟ ହୋଇ ପାରି ନ ଥିଲା । ଜିଲାପାଳ ଗତ ୯ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ ଦ୍ୱିତୀୟ ଥର ପାଇଁ ନୋଟିସ ଜାରି କରିଛନ୍ତି। ଓଡ଼ିଶା ହାଇକୋର୍ଟରେ ପୌରାଧ୍ୟକ୍ଷାଙ୍କ ପକ୍ଷରୁ ହୋଇଥିବା ଏକ ରିଟ ପିଟିସନର ରାୟ ଆସିବା ପରେ ଏହି ନୋଟିସ ଜାରି ହୋଇଛି। ପୌରାଧ୍ୟକ୍ଷା ସ୍ମିତାରାଣୀଙ୍କ ସମେତ ସମସ୍ତ ୧୩ ଜଣ କାଉନସିଲରଙ୍କୁ ଜିଲାପାଳ ଆଶୀଷ ଈଶ୍ୱର ପାଟିଲ ଏହି ନୋଟିସ କରିଛନ୍ତି। ଜିଲାପାଳଙ୍କ ପତ୍ର ଅନୁଯାୟୀ, ୧୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବା ପରେ ଅନାସ୍ଥା ପାଇଁ ଭୋଟ ଗ୍ରହଣ କରାଯିବ। ସୁଚନାଯୋଗ୍ୟ, ପୌର ପରିଷଦର ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ ଗତ ଏପ୍ରିଲ ମାସରେ ପୋରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ଅଫିସରୁ ଏ ନେଇ ସମସ୍ତ କାଉନସିଲରଙ୍କୁ ନୋଟିସ ମଧ୍ୟ କରାଯାଇଥିଲା। କିନ୍ତୁ ପୌରାଧ୍ୟକ୍ଷାଙ୍କୁ ନୋଟିସ କରାଯାଇ ନ ଥିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ପୁଣି ଥରେ ତାରିଖ ଧାର୍ଯ୍ୟ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହିତ ପୌରାଧ୍ୟକ୍ଷାଙ୍କୁ ମଧ୍ୟ ଚିଠି କରିବା ପାଇଁ କହିଥିଲେ। ଫୁଲବାଣୀ ପୌର ପରିଷଦରେ ଏବେ ବିଜେଡିର ୭ ଜଣ କାଉନସିଲର ଥିବା ବେଳେ ଭାଜପାର ୪ ଜଣ ଅଛନ୍ତି। ଦୁଇ ସ୍ୱାଧୀନ କାଉନସିଲର ବିଜେଡିରେ ସାମିଲ ହୋଇଛନ୍ତି। ଅନାସ୍ଥା ଆଣିଥିବା ୧୧ କାଉନସିଲରଙ୍କ ଭିତରେ ଭାଜପାର ମଧ୍ୟ ୨ ଜଣ ରହିଛନ୍ତି।

# ରାୟଗଡ଼ ପଞ୍ଚାୟତ ସମିତି ବୈଠକ

ପାରଳାଖେମୁଣ୍ଡି, ୧୮।୭ (ଗିରିଧାରୀ ପରିଛା):




ଗଜପତି ଜିଲା ରାୟଗଡ଼ ବ୍ଲକର ସଦଭାବନା ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନବ ନିର୍ବାଚିତ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ଅଧ୍ୟକ୍ଷା ସମ୍ମାନିତ କରିଥିଲେ। ବିଡିଓ ସୁଧୀର କୁମାର ସିଂ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି, ତହସିଲଦାର ସଦାଶିବ ଭାତ୍ରା, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ଏମପି ପ୍ରତିନିଧି ଆର୍. ବିଜୟ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରଙ୍କ ସହଯୋଗରେ ରାୟଗଡ଼ ବ୍ଲକର ମହେନ୍ଦ୍ରଗିରି ଶୈବପୀଠକୁ ପର୍ଯ୍ୟଟନ କ୍ଷେତ୍ର ପରିବର୍ତ୍ତେ ତୀର୍ଥ କ୍ଷେତ୍ରର ମାନ୍ୟତା ଓ ଏହାର ତ୍ୱରାନ୍ୱିତ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ କାର୍ଯ୍ୟକୁ ଆଗକୁ ନେବା ବୋଲି ବିଧାୟକ ଗମାଙ୍ଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ବ୍ୟାପିବା ଆଶଙ୍କା ଥିବାରୁ ଲୋକଙ୍କୁ ସଚେତନତା କରାଯିବାକୁ ଡଃ ସବୀର କୁମାର ବଳ କହିଥିଲେ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୬ ବର୍ଷ ହେବ ଡ଼ାକ୍ତର ନଥିବା ବେଳେ ଏବେ ଡାକ୍ତର ଲିପସା ସାହୁଙ୍କୁ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ଆଦେଶ ହୋଇଥିଲେ ମଧ୍ୟ ସେ କାହିଁକି ଯୋଗ ଦେଇନାହାଁନ୍ତି ବୋଲି ପଞ୍ଚାୟତ ପ୍ରତିନିଧିମାନେ ଡାକ୍ତରଙ୍କୁ ପ୍ରଶ୍ନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ, ଜେଇମାନେ ଠିକ ଭାବେ ଆସୁନଥିବା ବେଳେ ଉନ୍ନୟନ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କ ବହୁଦିନ ପର୍ଯ୍ୟନ୍ତ ପ୍ରାପ୍ୟ ମିଳୁନଥିବା ଅଭିଯୋଗ କରି ଗୃହରେ ପଞ୍ଚାୟତ ପ୍ରତିନିଧିମାନେ ହଟ୍ଟଗୋଳ କରିଥିଲେ। ପ୍ରତି ଶୁକ୍ରବାର ସମସ୍ତ ଜେଇଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ନିଶ୍ଚିତ ଭାବେ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ସମସ୍ୟାର ସମାଧାନ କରିବା ପାଇଁ ଅଧ୍ୟକ୍ଷାଙ୍କ ନିର୍ଦ୍ଦେଶକୁ ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି ଅବଗତ କରାଇଥିଲେ। ବିଦ୍ୟାଳୟଗୁଡିକରେ ବହୁ ବର୍ଷ ଧରି ଶିକ୍ଷକମାନେ ରହିଆସୁଥିବା ବେଳେ ସେମାନଙ୍କୁ ଚିହ୍ନଟ କରି ବଦଳି କରିବା ପାଇଁ ସାନଡୁଣ୍ଡି ସରପଞ୍ଚ ସଂଘମିତ୍ରା ଶବର ଅଭିଯୋଗ କରିଥିଲେ। ରାୟଗଡ଼ ବ୍ଲକରେ ଆଉ ଗୋଟିଏ ଛତୁଆ କେନ୍ଦ୍ର ଖୋଲିବା ପାଇଁ ଏମପି ପ୍ରତିନିଧି ଆର୍. ବିଜୟ କୁମାର କହିଥିଲେ। ବୈଠକରେ ବିଦ୍ୟୁତ ବିଭାଗ, ଆର୍‌ଡ଼ି, ରାମଗିରି ରେଞ୍ଜ ଓ ଦେବଗିରି ରେଞ୍ଜର ଅଧିକାରୀମାନେ ଅନୁପସ୍ଥିତକୁ ନେଇ ପଞ୍ଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଅବଗତ କରିବାକୁ ଦାବି କରାଯାଇଥିଲା। ବୈଠକରେ ଶିକ୍ଷା, ଉନ୍ନୟନ, ପଶୁ ସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଓଡ଼ିଶା ଜୀବିକା ମିସନ, ମିଶନ ଶକ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ, ପାନୀୟଜଳ ଓ ପରିମଳ, ବନ ବିଭାଗ ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଚଣ୍ଡିପୁର ଅଙ୍ଗନୱାଡି କେନ୍ଦ୍ରରୁ ଚୋର୍

ରସୁଲପୁର,୧୮।୭(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତର ଚଣ୍ଡିପୁର ଅଙ୍ଗନୱାଡି କେନ୍ଦ୍ର-୪ରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ କେନ୍ଦ୍ରର ତାଲା ଭାଙ୍ଗି ଘରୁ ୨ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ପ୍ରେସର କୁକର ଚୋରି କରି ନେଇଛନ୍ତି। ଏନେଇ କେନ୍ଦ୍ରର କର୍ମୀ ତପସ୍ୱିନୀ ମଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନମ୍ବର-୩୧୬/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତପସ୍ୱିନୀ ତାଲିମ ଶିବିରରେ ଯୋଗ ଦେବାକୁ ଯାଇଥିଲେ। ସହାୟିକାଙ୍କୁ କେନ୍ଦ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ସକାଳ ୯ଘଟାରେ କେନ୍ଦ୍ର ତାଲା ଖୋଲା ଥିବା ସହାୟିକା ଦେଖିବାକୁ ପାଇଥିଲେ। ଏନେଇ ସେ କେନ୍ଦ୍ର କର୍ମୀ ତପସ୍ୱିନୀଙ୍କୁ ଅବଗତ କରାଇଥିଲେ। ପରେ କର୍ମୀ ଶିବିରରୁ ଆସି କେନ୍ଦ୍ରରେ ଯାଞ୍ଚ କରିବା ସହ ଥାନାରେ ଅଭିଯୋଗ କରିଥିଲେ।

### ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଗିରଫ

ରସୁଲପୁର,୧୮।୭(ରଂଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ମୂଳାପାଳ ଛକରେ ଦୁର୍ଘଟଣା ଘଟାଇଥିବା ଜଣେ ବାଇକ୍ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମର ବଳରାମ ବେହେରା। ଚଳତିବର୍ଷ ମେ' ୩୧ରେ ବଳରାମଙ୍କ ବାଇକ୍ ଓ ଏକ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସ୍କୁଟି ଚାଳକ ପ୍ରଥମାଖଣ୍ଡି ଗ୍ରାମର ଲୁଲେନ୍ଦୁ ବେହେରା(୪୯)ଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ୩୮ଦିନ ପରେ ପୋଲିସ ବଳରାମଙ୍କୁ ଧରିବାରେ ସକ୍ଷମ ହୋଇଛି। ଏନେଇ ଥାନାରେ ଏକ ମାମଲା ନଂ.୨୫୭।୨୪ ରୁଜୁ ହୋଇଛି।

### ଅଜଣା ରୋଗରେ ଯୁବକଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,୧୮।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମରେ ଅଜଣା ରୋଗରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କ ପୁଅ ପପିନ ଦେହୁରୀ(୨୨)। ୬ ମାସ ପୂର୍ବେ ତାଙ୍କ ଗୋଡ଼, ହାତ ଗୁଣ୍ଡାଇ ହେବା ସହ ମୁଣ୍ଡ ବୁଲାଉଥିଲା। ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଓ କଟକ ବଡ଼ ମେଡ଼ିକାଲ ନେଇ ଚିକିତ୍ସା କରାଇଥିଲେ। ମାତ୍ର କୌଣସି ରୋଗ ନିରୂପଣ ହୋଇପାରି ନ ଥିଲା। ଡାକ୍ତର ମେଡ଼ିସିନ ଦେଇ ଫେରାଇ ଦେଇଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲ। କୁଶେଇ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନ ଭାଇ ତପନ ଦେହୁରୀ ମୁଖାଗ୍ନି ଦେଇଥିଲେ।

# ଗ୍ୟାସ୍, ପାଣି ପାଇପ୍ ସଂଯୋଗ ପାଇଁ ରାସ୍ତା ନଷ୍ଟ

- ବିପଦରେ ପଥଚାରୀ
- ଶୀଘ୍ର ମରାମତି ଦାବି

ଯାଜପୁରରୋଡ୍,୧୮।୭(ପବିତ୍ର ରଞ୍ଜନ ମହାନ୍ତି):




ଗ୍ୟାସ୍, ପାଣି ପାଇପ୍ ସଂଯୋଗ ପାଇଁ ରାସ୍ତା ଖୋଳାଯାଇଛି।

ବ୍ୟାସନଗର ସହରରେ ପାଇପ୍ ଯୋଗେ ଗ୍ୟାସ୍ ଓ ପାଣି ଯୋଗାଇବା ପାଇଁ କାର୍ଯ୍ୟ ଚାଲିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ରାସ୍ତାଗୁଡ଼ିକୁ ବେଆଇନଭାବେ ଖୋଳି ନଷ୍ଟ କରାଯାଉଛି। ଅନେକ ସ୍ଥାନରେ ରାସ୍ତା ଖୋଳି ଦୀର୍ଘଦିନ ପର୍ଯ୍ୟନ୍ତ ଛାଡ଼ିଦିଆଯାଉଛି। ବିଶେଷକରି ମୁଖ୍ୟ ରାସ୍ତାପାର୍ଶ୍ୱଗୁଡ଼ିକୁ ଖୋଳି ତାର ମାଟି ରାସ୍ତା ଉପରେ ରଖିବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି। ଏହି କାର୍ଯ୍ୟ କରୁଥିବା ବିଜିଆର୍ଏଲ୍ ଓ ୱାଟ୍କୋର ଠିକାଦାର କାର୍ଯ୍ୟରେ ବିଳମ୍ବ କରୁଥିବାରୁ ରାସ୍ତାରେ ଯାନବାହନ ଯାତାୟାତରେ ବାଧକ ସାଜିବା ସହ ଅନେକ ଦୁର୍ଘଟଣା ଘଟୁଛି। ପଥଚାରୀମାନେ ଯିବା ଆସିବା କରିବାରେ ନିରାପଦ ମଣୁନାହାନ୍ତି।

ଏବେ ବର୍ଷାଋତୁ ହୋଇଥିବାରୁ ଖୋଳାଯାଇଥିବା ଗର୍ତ୍ତରେ ବର୍ଷା ପାଣି ଜମି ରହି ବିପଦକୁ ଦ୍ୱିଗୁଣିତ କରୁଛି। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଯାଜପୁରରୋଡ୍ କୋର୍ଟ ଛକ ସମ୍ମୁଖରେ। ଏହି ରାସ୍ତା ବ୍ୟାସନଗର ମହାବିଦ୍ୟାଳୟ, ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ, ବନ ବିଭାଗ କାର୍ଯ୍ୟାଳୟ, ଟେଲିଫୋନ ଭବନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜ୍ୟ ପଣ୍ୟାଗାର ଓ ଫେରୋକ୍ରୋମ ପ୍ଲାଣ୍ଟ ସହ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଛି। ଫଳରେ ସବୁସମୟରେ ଏହି ରାସ୍ତା ଚଳଚଞ୍ଚଳ ରହିଥାଏ। ଏବେ ଏହି ଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ସହରର ରାସ୍ତାଗୁଡ଼ିକୁ ଖୋଳିତାଡ଼ି ନଷ୍ଟ କରିବା ଓ ଏହାର ମରାମତି ନ କରିବା କେତେଦୂର ଆଇନ ସମ୍ମତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଗ୍ୟାସ ପାଇପଲାଇନ ସଂଯୋଗୀକରଣ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ପୌର ପରିଷଦରୁ କୌଣସି ଅନୁମତି ନ ନେଇ କାର୍ଯ୍ୟ କରୁଥିବା ପୌରନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ଏନେଇ ପୌର ପରିଷଦ ବୈଠକରେ କାଉନସିଲରମାନେ ଆଲୋଚନା କରିବା ସହ ସମ୍ପୃକ୍ତ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଉକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ ଚଳାଇଛନ୍ତି। ରାସ୍ତା ଖୋଳିବା ଓ ଏହାର ମରାମତି ପାଇଁ ପୌର ପରିଷଦ ନିକଟରୁ ଅନୁମତି ନେବା ସହ କ୍ଷତିପୂରଣ ଅର୍ଥ ପୈଠ କରିବାର ନିୟମ ରହିଥିଲେ ମଧ୍ୟ ଏହି ୨ ଠିକା ସଂସ୍ଥା ପୌର ଆଇନକୁ ଫୁଁ କରି କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ୱାଟ୍କୋ ସହକାରୀ ପରିଚାଳକ ବିଚିତ୍ରାନନ୍ଦ ପୁହାଣଙ୍କୁ ପଚାରିବାରେ ସେ କହିଛନ୍ତି, ପାଣି ପାଇପ ଲାଇନ ସଂଯୋଗ ଶେଷ କରାଯାଇ ଏବେ ରାସ୍ତାଗୁଡ଼ିକୁ ମରାମତି କରାଯାଉଛି। ଯେଉଁ ରାସ୍ତାରେ ଗର୍ତ୍ତ କରାଯାଇ ଛଡ଼ାଯାଇଛି ସେଗୁଡ଼ିକ ଗ୍ୟାସ ପାଇପ ଲାଇନର କାମ। ଏନେଇ ପ୍ରତିକ୍ରିୟା ପାଇଁ ଗ୍ୟାସ ପାଇପ ସଂଯୋଗ କରୁଥିବା କମ୍ପାନୀ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ତୁରନ୍ତ କୋର୍ଟ ଛକ ନିକଟରେ ଖୋଳା ଯାଇଥିବା ଗର୍ତ୍ତକୁ ବନ୍ଦ କରି ଉକ୍ତ ରାସ୍ତା ମରାମତି କରିବାକୁ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ଜିଲାପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପ୍ରକଳ୍ପ ମଞ୍ଜୁରୀ ସହ ତୁରନ୍ତ କାର୍ଯ୍ୟ ଆରମ୍ଭ ଦାବି

ଯାଜପୁର ଟାଉନ,୧୮।୭
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

**ଯାଜପୁର ରୋଡ୍-ଧାମରା ରେଳପଥ**

ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପକୁ ମଞ୍ଜୁରୀ ସହ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ଦାବି ହୋଇଛି। ରେଳବାଇ ବୋର୍ଡ ପାଖରେ ପୂର୍ବତଟ ରେଳପଥ ପକ୍ଷରୁ ଉପସ୍ଥାପିତ ଯାଜପୁରରୋଡ୍-ଧାମରା (ଭାୟା ଯାଜପୁର ଟାଉନ ଓ ଆରଡ଼ି) ରେଳପଥର ଡିପିଆରକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବାକୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ଦାବି କରିଛି।

୨୦୨୪ ଫେବୃଆରୀରେ କାମ ଚଳା ବଜେଟ୍ ଆଗତ ହେବାର ଅବ୍ୟବହିତ ପୂର୍ବରୁ ପୂର୍ଣ୍ଣାଙ୍ଗ ବାର୍ଷିକ ବଜେଟରେ ଏହି ନୂତନ ରେଳପଥ ପାଇଁ ବ୍ୟୟବରାଦ କରାଯିବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସଂସଦର ଆଗାମୀ ଅଧିବେଶନରେ ଆଗତ ହେବାକୁ ଥିବା ବଜେଟ୍ରେ ଉପରୋକ୍ତ ପ୍ରତିଶ୍ରୁତିକୁ ରକ୍ଷା କରି ବ୍ୟୟବରାଦ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ୪ଟି ଆର୍ଥିକ ବର୍ଷ ମଧ୍ୟରେ ରେଳପଥ ନିର୍ମାଣ କାର୍ଯ୍ୟ ସମାପ୍ତ ପାଇଁ ଏହାକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରିବା ତଥା ବନ୍ଦର ସଂଯୋଗୀକରଣ ପାଇଁ ଉଦ୍ଦିଷ୍ଟ ଅମ୍ବେଲା ଯୋଜନା ଅର୍ଥରୁ ଏହି ରେଳପଥ ନିର୍ମାଣ ପାଇଁ ବ୍ୟୟ କରିବାକୁ ସଂଗ୍ରାମ ସମିତି ଦାବି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ କରିବା, ଆବଶ୍ୟକୀୟ ଅର୍ଥ ବରାଦ କରିବା, ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଛି। ଏସଂକ୍ରାନ୍ତରେ ରେଳମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭେଟିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଯାଜପୁର ଶାନ୍ତି ମଣ୍ଡପଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଦାବି ହାସଲ ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ପ୍ରସ୍ତାବିତ ଷ୍ଟେଶନ ଭିତ୍ତିକ କମିଟି ଗଠନ କରାଯିବ ବୋଲି ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମଳୟ କୁମାର ପଣ୍ଡା, ପ୍ରଫୁଲ୍ଲ ନାୟକ, ଦେବେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ନାୟକ, ସନ୍ତୋଷ ଦାସ, ଦେବେନ୍ଦ୍ର ନାୟକ, ରାକେଶ ସାହୁ, ଦିଲୀପ ଦଳାଇ, ଅବିନାଶ ମହାପାତ୍ର, ଧନଞ୍ଜୟ କେଶରୀ ରାଉତରାୟ, ନିର୍ମଳ ରଥ, ଦେବବ୍ରତ ମହାନ୍ତି ଓ ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି କର୍ମକର୍ତ୍ତା।

# ସିଂହପୁରରେ ଭାଜପାର ନିର୍ବାଚନ ସମୀକ୍ଷା



ସମୀକ୍ଷା ବୈଠକରେ ଯୋଗଦେଇଥିବା ଭାଜପା ନେତା।

ସିଂହପୁର,୧୮।୭
(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁରସ୍ଥିତ ନାହାକାଣୀ କଲ୍ୟାଣ ମଣ୍ଡପଠାରେ ଭାଜପାର ବିଞ୍ଝାରପୁର ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଭାଜପାର ପ୍ରାକ୍ତନ ସଭାପତି ସମୀର ମହାନ୍ତି ଯୋଗଦେଇ ଭାଜପାର ଭୋଟ ପ୍ରତିଶତ ଆଶାତୀତ ଭାବେ ଏହି ନିର୍ବାଚନମଣ୍ଡଳୀରେ ବଢ଼ିବା ସହିତ କଡ଼ା ଟକ୍କର ହୋଇଥିବାରୁ ସେ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମଦ, ମାଂସ, କଳା ଟଙ୍କା, ବାହୁବଳ ଓ ପୋଲିସ ନାଲିଆଖିକୁ ଭୟ ନ କରି ବିଞ୍ଝାରପୁରବାସୀ ନିର୍ଭିକ ମତଦାନ କରିଥିବାରୁ ସେ ବିଞ୍ଝାରପୁର ଭୋଟରଙ୍କୁ ସାଧୁବାଦ ଜଣାଇଛନ୍ତି। ଦଳ ୧୩୯ ବୁଥରେ ଅଧିକ ଭୋଟ ପାଇଥିବାବେଳେ ବିଜେଡି ମାତ୍ର ୧୦୧ ବୁଥରେ ଅଧିକ ଭୋଟ ପାଇ କିପରି ଭାଜପା ହାରିଲା ବୋଲି ସମୀର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସଂଖ୍ୟାଲଘୁ ବୁଥ ଜବରଦଖଲ ଯୋଗୁ ଫଳ ଭାଜପା ବିପକ୍ଷରେ ଗଲା ବୋଲି ସେ ସୂଚନା ଦେଇଛନ୍ତି। କର୍ମୀମାନେ ହତାଶ ନ ହୋଇ ଦଳକୁ ତୃଣମୂଳସ୍ତରରୁ ସୁସଙ୍ଗଠିତ କରି ଡବଲ ଇଞ୍ଜିନ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଓ ପୂର୍ବ ସରକାରର ଦୁର୍ନୀତି ଲୋକଲୋଚନକୁ ଆଣି ବିଜେଡିର ଅସଲ ମୁଖା ଖୋଲିବାକୁ ସମୀର କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟତମ ଅତିଥିଭାବେ ଯାଜପୁର ଏମ୍ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା ଭାଜପା ମହିଳା ସଭାନେତ୍ରୀ ବବିତା ମଲିକ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡା,ରାଜ୍ୟ ଓବିସି ସେଲ୍ ଉପସଭାପତି ସୁକାନ୍ତ ବିଶ୍ୱାଳ, ବରିଷ୍ଠ ନେତା ନିରଞ୍ଜନ ବେଉରିଆ, ପୁରୁଷୋତ୍ତମ ବେହେରା, ଅଟଳ ନାୟକ, ଜୟୟ ବେହେରା, ଭୁବନାନନ୍ଦ ସାମଲ, ବଳରାମ ବଳ, ସୁଶାନ୍ତ ସାମଲ, ଦୀନବନ୍ଧୁ ଦାସ ଓ ଗୋପୀନାଥ ଜେନା ପ୍ରମୁଖ ଯୋଗଦେଇ ନିଜ ମତ ରଖିଛନ୍ତି।

### ବିଷାକ୍ତ ଛତୁ ଖାଇ ପରିବାରର ୪ ଗୁରୁତର

ନୀଳଗିରି, ୧୮।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହୁଡ଼ିସାହି ଗ୍ରାମରେ ଗୋଟିଏ ପରିବାରର ୪ଜଣ ବିଷାକ୍ତ ଛତୁ ଖାଇ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଜଣେ ଦେଢ଼ବର୍ଷର ଶିଶୁକନ୍ୟା ଅଛି।

ଉକ୍ତ ପରିବାରର ଜେମା ସିଂ ନିକଟ ଜଙ୍ଗଲରୁ ଛତୁ ତୋଳି ଆଣିଥିଲେ। ବୋହୂ ରୋଷେଇ କରିବା ପରେ ପରିବାର ଲୋକେ ଉକ୍ତ ତରକାରୀକୁ ଖାଇଥିଲେ। ଏହାପରେ ଜଣ ଜଣ କରି ୪ଜଣଙ୍କର ବାନ୍ତି ଆରମ୍ଭ ହୋଇଥିଲା। ତେବେ ଛତୁ ବିଷାକ୍ତ କାରଣରୁ ଅନୁମାନ କରି ଏଭଳି ହୋଇଥିବାରୁ ସମସ୍ତଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଦେଢ଼ବର୍ଷର ଶିଶୁକନ୍ୟା ଥିବା ଜଣାପଡ଼ିଛି। ପରେ ୩ଜଣଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ଜେମା ସିଂ(୨୦), ତାଙ୍କ ବୋହୂ ଧରିତ୍ରୀ ସିଂ(୫୦), ଦେଢ଼ ବର୍ଷର ନାତୁଣୀ ଶୁଭଶ୍ରୀ ଓ କକା ସତୁରା ସିଂ (୭୦)।

# ଖବରକାଗଜ ବିତରକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ଖବରକାଗଜ ବିତରକ ସଂଘ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ଗୁରୁବାର ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ପ୍ରମୋଦ କୁମାର ରାଉତଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ବିଧାୟକ ସାହୁଙ୍କ କୁମାରୀସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଫୁଲ ତୋଡ଼ା ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସମସ୍ୟା ଆଲୋଚନା କରିଛନ୍ତି। ଖବରକାଗଜ ବିତରକଙ୍କ ସମସ୍ୟା ସମାଧାନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ସଂଘ ଆବାହକ ବସନ୍ତ କୁମାର ବାରିକ, ସମ୍ପାଦକ ହରିନାରାୟଣ ଦାସ, କୋଷାଧକ୍ଷ ତରୁଣ କୁମାର ବେହେରା, ରାମଚନ୍ଦ୍ର ମହାନ୍ତି, ଦେବ ପ୍ରସାଦ ରାୟ, ହରିଶ ମହାନ୍ତି, କମଳାକାନ୍ତ ଦାସ, ପୁରସ୍ତମ ସେଠୀ ଓ କାହ୍ନୁ ଚରଣ ରଣା ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀବିରଜା ସେବା ସମିତି ପକ୍ଷରୁ ଗଣ ବ୍ରତୋପନୟନ



ଗଣ ବ୍ରତୋପନୟନ ସାମିଲ ହୋଇଥିବା ଯାଜପୁର ଶ୍ରୀବିରଜା ସେବା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

ଯାଜପୁର ସଦର,
୧୮।୭ (ସମର ବିଜୟ ଶରଣ):

ଯାଜପୁର ଶ୍ରୀବିରଜା ସେବା ସମିତି ତରଫରୁ ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲାମାନଙ୍କ ଏକ ଗଣ ବ୍ରତୋପନୟନ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ର, ଉପସଭାପତି ପ୍ରମୋଦ ଦ୍ୱିବେଦୀ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର, ଜଗତ ନାୟକ, ଭରତ ସାହୁ, ଅଶୋକ ପାଣି, ବୃନ୍ଦାବନ ସ୍ୱାଇଁ, ଲିଙ୍ଗରାଜ ମିଶ୍ର ବ୍ରତଘରର ଦାୟିତ୍ୱ ବହନ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଶଚିକାନ୍ତ ଶତପଥୀ, ସୂର୍ଯ୍ୟମଣି ଦୀକ୍ଷିତ, ରମେଶ ଚନ୍ଦ୍ର ରଥ, ସୁକାନ୍ତ ପଣ୍ଡା, ସୁକାନ୍ତ ଶତପଥୀ ଓ ବ୍ରତବେଦୀରେ ଉପନୟନ କର୍ମ କରିଥିଲେ।

ଏହି ବ୍ରତୋପନୟନରେ ବରିଷ୍ଠ ସଭ୍ୟ ବସନ୍ତ ଦାଶ, ନୃସିଂହ ଚରଣ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ବନବିହାରୀ ମହାପାତ୍ର, ବିଷ୍ଣୁଚରଣ ବିହାରୀ, ବିଷ୍ଣୁଚରଣ ଲେଙ୍କା, ରାମକୃଷ୍ଣ ବେହୁରିଆ, କହ୍ନାଇଚରଣ ମହାନ୍ତି, କୋଷାଧକ୍ଷ ହରିହର ବେହେରା, ପୂର୍ବତନ କୋଷାଧକ୍ଷ ସୁବାସ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ନିର୍ମଳ ଚନ୍ଦ୍ର ମହାନ୍ତି, ମଧୁସୂଦନ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ବ୍ରଜକିଶୋର ମହାନ୍ତି, ଗଦାଧର ରାଉତ, ଧନଞ୍ଜୟ କେଶରୀ ରାଉତରାୟ, ରବି ଶତପଥୀ, ସୀତାରାମ ମହାପାତ୍ର, ସୁଜିତ୍ ନାଥ, ଅକ୍ଷୟ ସାହୁ, ଅଜିତ୍ ସାମନ୍ତ, ଶ୍ରୀନିବାସ ତ୍ରିପାଠୀ, କିଶୋର ଦାଶ, କାନନ ବାଳା ଜେନା, ମନୋଜା ମଞ୍ଜରୀ ରାୟ, ବିଭୁଆଶିଷ ମହାନ୍ତି, ମଳୟ ପଣ୍ଡା, ସୁଧାରଞ୍ଜନ ପଣ୍ଡା, ପ୍ରଭାତ ପତି, ଆନନ୍ଦ ଚନ୍ଦ୍ର ସାହୁ, ଖବରଦାତା ଦେବୀ ପ୍ରସାଦ ପାଣି, ବିରଜା ପ୍ରସାଦ ପାଣି, ସରମବିଜୟ ସରଣ, ବିଶ୍ୱଜିତ ରଣା ଓ ଅଜୟ ରଣା ପ୍ରମୁଖ ସହଯୋଗ କରିଥିଲେ।

# ପାଣି ଅଭାବ, ଚାଷକାର୍ଯ୍ୟ ବାଧାପ୍ରାପ୍ତ

କାଏମା,୧୮।୭(ଶିବପ୍ରସାଦ ମହାନ୍ତି):



କେନାଲ ଶୁଖିଲା ପଡ଼ିଛି।

ଧର୍ମଶାଳା ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ପାଣି ଅଭାବ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ନିଅଣ୍ଟିଆ ବର୍ଷା ଯୋଗୁ ଆଗେଇ ପାରୁନି ଚାଷକାମ। ଲଘୁଚାପ ବର୍ଷାରେ କିଛି ଖାଲୁଆ ଜମିରେ ପାଣି ଜମାହେବା ଫଳରେ କେତେଜଣ ଚାଷୀ କାମ କରୁଥିବାବେଳେ ଅନ୍ୟମାନେ ପାଣି ଅଭାବରୁ ହାତବାନ୍ଧି ବସିଛନ୍ତି।

ବ୍ଲକ୍ ଅଞ୍ଚଳରେ ପାଣି ଅଭାବରୁ ଅନେକ ଚାଷ ଜମିପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି। ଅଞ୍ଚଳରେ ଲଗାଣ ବର୍ଷା କୌଣସି ଦିନ ହୋଇନାହିଁ। ଲଘୁଚାପଜନିତ ବର୍ଷାରେ ଖାଲୁଆ ଜମିରେ କିଛି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁମାନେ ଧାନ ତଳି ପକାଇଥିଲେ ପାଣି ଅଭାବରୁ ସେଗୁଡ଼ିକ ଶୁଖିଗଲାଣି। ଆଉ କିଛି ଚାଷୀ ବର୍ଷାକୁ ଅପେକ୍ଷା ନ କରି ମୋଟର ସହାୟତାରେ ପାଣି ମଡାଇ ଧାନ ତଳି ପକାଇଥିଲେ। କେନାଲ ପାଣି ଆସିଲେ ଚାଷ କାର୍ଯ୍ୟ ଆଗକୁ ବାଢ଼ିବାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ଜମି ଶୁଖିଯାଇ ନଷ୍ଟ ହେବା ଆଶଙ୍କାରେ ସେମାନେ ମୋଟର ଭଡ଼ାରେ ଆଣି ପାଣି ମଡ଼ାଇ ଚାଷ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଚାଷ କାମରେ ବିଳମ୍ବ ସହ ଗଜା ମରୁଡ଼ିକୁ ଏଡାଇବା ଲାଗି ଏଭଳି ବିକଳ୍ପ ପନ୍ଥା ଅନେକ ଚାଷୀ ଆପଣାଇ ଥିବା ଚାଷୀ ଯୁଧିଷ୍ଠିର ରାଉତ ମତ ରଖିଛନ୍ତି।

ବ୍ଲକ ଅନ୍ତର୍ଗତ ଚାନ୍ଦପୁର, ଭୁବନ, କାଏମା, ଅରଖପଦା, ଗୋଗଲ, ନାଉପାଲ, ଗୋପନଗର, ମିର୍ଜାପୁର, ପାଟପୁର ଏପରି ଅନେକ ଗାଁର ଚାଷୀ କେନାଲ ପାଣି ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ କେନାଲରେ ଠିକ୍ ସମୟରେ ପାଣି ଆସୁ ନ ଥିବାରୁ ଚାଷ ଜମିଗୁଡ଼ିକ ଶୁଖିଲା ପଡ଼ିଥିବା ଅନେକ ସମୟରେ ଚାଷୀ ଅଭିଯୋଗ କରିଥାଆନ୍ତି। ଏସବୁ ଅଭିଯୋଗକୁ ଜଳସେଚନ ବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କାଏମା ବ୍ରିଜ ନିକଟରେ ଜଳସେଚନ ବିଭାଗ ପକ୍ଷରୁ ଦୁଇ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ବର୍ଷକୁ ଥରେ ପାଣି ପଞ୍ଚାୟତ ସଭା କରିବା ସମୟରେ ବଡ଼ ବଡ଼ ଅଧିକାରୀ ଆସି ଏଠାରେ ସଭା କରି ଚାଲିଯାଆନ୍ତି। ଅନ୍ୟ ସମୟରେ କୌଣସି ଅଧିକାରୀଙ୍କ ଭେଟ ମିଳୁ ନ ଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ ଆଣିଛନ୍ତି।

**ଠିକ୍ ସମୟରେ ପହଞ୍ଚିପାରୁନି କେନାଲ ପାଣି**

୨୦୨୩ ଅଗଷ୍ଟରେ ପାଣି ଅଭାବ ଓ ଯନ୍ତ୍ରୀଙ୍କ ଭେଟ ନ ମିଳିବାରୁ ସ୍ଥାନୀୟ ଚାଷୀ ଏହି କାର୍ଯ୍ୟାଳୟକୁ ଚାବି ପକାଇ ରଖିଥିଲେ। ବୁଝାଶୁଝା ପରେ ତାଲା ଖୋଲା ଯାଇଥିଲା। ଅପରପକ୍ଷରେ ଗତ ୧୫ ତାରିଖରେ ହାଇଲେଭଲ କେନାଲରେ ପାଣି ଛଡ଼ାଯାଇଛି ଓ ୫ ଦିନ ମଧ୍ୟରେ ମାଇନର କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯିବା ନେଇ ଜଳ ସେଚନ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ୪ ଦିନ ବିତି ଯାଇଥିଲେ ମଧ୍ୟ ତଳ ମୁଣ୍ଡ କେନାଲ ସମ୍ପୂର୍ଣ୍ଣ ସଫେଇ କରାଯାଇନାହିଁ। କେନାଲ ଅନାବନା ଗଛରେ ଭର୍ତ୍ତି ହୋଇ ଜଙ୍ଗଲ ସଦୃଶ ଦେଖାଯାଉଛି। ଫଳରେ କେନାଲ ପାଣି ଉପରେ ନିର୍ଭର କରୁଥିବା ଚାଷୀ ଏବେ ନିରାଶ ହୋଇଛନ୍ତି। କେନାଲ କେବେ ସଫା ହେବ କେବେ ଓ ପାଣି କେବେ ଚାଷ ଜମିରେ ପହଞ୍ଚିବ ତାକୁ ଚାଷୀମାନେ ଚାତକ ପରି ଚାହିଁ ବସିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଚକ୍ରଧର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୯୭ ଅମିନ ପଦବୀରୁ ୫୦ ଖାଲି

## ସଂରକ୍ଷିତ ସମସ୍ତ ୧୪ ପଦବୀ ଖାଲି ଯୋଗୁ ଅଡୁଆ

### ଜଗତ୍‌ସିଂହପୁର ତହସିଲରେ ସର୍ବାଧିକ ୧୩ ପଦବୀ ପୂରଣରେ ବିଳମ୍ବ

ଜଗତ୍‌ସିଂହପୁର ୧୮।୭ (ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ରାଜ୍ୟରେ ଜମିଜମା ତଥା ରାଜସ୍ୱ ଉପରେ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ ସରକାର ରାଜସ୍ୱ ଆଦାୟ ସମେତ ଏ ସଂକ୍ରାନ୍ତୀୟ ମାମଲା ତଥା ଅଭିଯୋଗର ସମାଧାନ ଉପରେ ଧ୍ୟାନ ଦେଉଛନ୍ତି। ଜମିଜମା ମାପ, ନେଟ୍ ପଟ୍ଟାରେ ସଂଶୋଧନ ତଥା ଟ୍ରେସ୍ ଆଦି ପାଇଁ ଅମିନମାନଙ୍କ ପ୍ରମୁଖ ଭୂମିକା ଥିବାବେଳେ ଜଗତ୍‌ସିଂହପୁରରେ ଏହି ପଦବୀ ପୂରଣ କରା ନ ଯିବା ଚିନ୍ତାର କାରଣ ହୋଇଛି। କୌଣସି ବ୍ୟକ୍ତି ଡିମାର୍କେସନ୍ ପାଇଁ ତହସିଲରେ ଆବେଦନ କଲେ ଅମିନଙ୍କ ଅଭାବ ଯୋଗୁ ସେମାନଙ୍କୁ ନ୍ୟାୟ ମିଳିପାରୁନାହିଁ କିମ୍ବା ମିଳିବାରେ ଯଥେଷ୍ଟ ବିଳମ୍ବ ହେଉଛି। କେବଳ ଏତିକି ନୁହେଁ, ଏହି ପଦବୀ ଖାଲି ଯୋଗୁ ସରକାର ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରି କି ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜମି ଚିହ୍ନଟ କିମ୍ବା ମାପ ଠିକ୍ ସମୟରେ ହୋଇ ପାରୁନାହିଁ। ଅନେକ ସମୟରେ ଅମିନଙ୍କୁ କ୍ଷେତ୍ର ପରିଦର୍ଶନ କରି ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଥାଏ। କିନ୍ତୁ ଆବଶ୍ୟକ ସଂଖ୍ୟକ ଅମିନଙ୍କ ଅଭାବ ଯୋଗୁ ଏଥିରେ ବାଧା ଉପୁଜୁଛି। ବଡ଼ କଥା ହେଲା ଜଗତ୍‌ସିଂହପୁର ଜିଲାରେ ମୋଟ ୯୭ଟି ଅମିନ ପଦବୀ ମଧ୍ୟରୁ ୫୦ଟି ଖାଲିପଡିବା ଜିଲା ପ୍ରତି ସରକାରୀ ଉଦାସୀନତାକୁ ପଦାରେ ପକାଇ ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲା କାର୍ଯ୍ୟାଳୟରେ ୪ଟି ଅନୁମୋଦିତ ଅମିନ ପଦବୀ ମଧ୍ୟରୁ ୧ଟି ଖାଲି ପଡିଛି। ସେହିପରି କମ୍ପେନ୍‌ସେସନ୍ ସେକ୍ସନର ସମସ୍ତ ୨ଟିଯାକ ଅନୁମୋଦିତ ପଦବୀ ଖାଲି ଅଛି। ତହସିଲ କାର୍ଯ୍ୟାଳୟଗୁଡିକୁ ଦେଖିଲେ ଜଣାଯାଏ ଜଗତ୍‌ସିଂହପୁର ତହସିଲରେ ସର୍ବାଧିକ ଅମିନ ପଦବୀ ଖାଲି ପଡିଛି। ଏହି କାର୍ଯ୍ୟାଳୟରେ ମୋଟ ୧୮ଟି ଅନୁମୋଦିତ ଅମିନ ପଦବୀ ମଧ୍ୟରୁ ୧୩ଟି ଖାଲି ଅଛି। ବିରିଡ଼ି ତହସିଲରେ ୬ଟି ଅନୁମୋଦିତ ପଦବୀରୁ ୩, ରଘୁନାଥପୁରର ୬ରୁ ୧, ବାଲିକୁଦାର ୧୧ରୁ ୪, ନାଉଗାଁର ୬ରୁ ୪, ତିର୍ତ୍ତୋଲର ୧୦ରୁ ୩ ଓ କୁଜଙ୍ଗର ୧୫ରୁ ୫ଟି ଅମିନ ପଦବୀ ଖାଲି ପଡିଛି। ଏହିସବୁ କାର୍ଯ୍ୟାଳୟରେ ନିଯୁକ୍ତ କୌଣସି ଅମିନ ଛୁଟି, ତାଲିମ କିମ୍ବା ଡେପୁଟେଶନ୍ ଆଦିରେ ଗଲେ ସେମାନଙ୍କ ସ୍ଥାନରେ କାମ କରିବା ପାଇଁ ଜିଲାର ମୋଟ ୧୪ଟି ଅମିନ ପଦବୀ ସଂରକ୍ଷିତ (ଅନୁମୋଦିତ) ରଖାଯାଇଛି। ଦୁଃଖର କଥା ହେଲା ଏହି ସମସ୍ତ ପଦବୀ ଖାଲି ପଡିଛି। ଏହାଦ୍ୱାରା କୌଣସି ବିଭାଗରେ କାର୍ଯ୍ୟରତ ଅମିନ ଛୁଟିରେ ଗଲେ ତାଙ୍କ ସ୍ଥାନ ପୂରଣ କରିବା ସମ୍ଭବ ହେଉନି। ପ୍ରତ୍ୟେକ କାର୍ଯ୍ୟାଳୟ ସମେତ ସଂରକ୍ଷିତ ଅମିନ ପଦବୀ ଖାଲି ଯୋଗୁ ଜିଲାରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟରେ ନୂଆ ସରକାର ଆସିଥିବାରୁ ଏହିସବୁ ପଦବୀ ପୂରଣ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।



# ପୋର୍ଟ ଭିତରେ ଜଳିଗଲା ଜେସିବି



ପାରାଦୀପ, ୧୮।୭(ଶରତ ରାଉତ)

ପାରାଦୀପ ପୋର୍ଟ ନିଷିଦ୍ଧାଞ୍ଚଳର ଏମ୍‌ପିବି (ବହୁମୁଖୀ ବର୍ଥ)ପାଖରେ ଗୁରୁବାର ଅପରାହ୍ନରେ ଏକ ଜେସିବିରେ ନିଆଁ ଲାଗି ଯାଇଥିଲା। ତାକୁ ସିଆଇଏସ୍‌ଏଫ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଲିଭାଇଥିଲେ। ଉକ୍ତ ଜେସିବି ଏକ ଠିକାସଂସ୍ଥାର ଥିଲା ବୋଲି ଜଣାପଡିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

# ପୂର୍ବଶତ୍ରୁତାରୁ ୨ ପରିବାରରେ ହଣାକଟା

କୁଜଙ୍ଗ,୧୮।୭(ମନୋଜ ପ୍ରଧାନ)

ପୂର୍ବଶତ୍ରୁତାକୁ ନେଇ ୨ ପରିବାର ମଧ୍ୟରେ ହଣାକଟା ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ଗ୍ରାମର ବିଚିତ୍ର ମହାନ୍ତିଙ୍କ ପୁଅ ପଦ୍ମଲୋଚନଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ବିଚିତ୍ରଙ୍କ ଜାଗା ସମ୍ମୁଖରେ ଥିବା ଅନାବାଦି ଜାଗାରେ ସେହି ଗାଁର ରବୀନ୍ଦ୍ର ଦଳାଇଙ୍କ ପରିବାର ଏକ ପକ୍କା ଘର କରି ସ୍ଥାୟୀଭାବେ ବସବାସ କରୁଛନ୍ତି। ଉକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ବିଚିତ୍ର ଉଚ୍ଚ ନ୍ୟାୟାଳୟରେ ଏକ ପିଟିଶନ ଦାଖଲ କରିଥିଲେ। ଏହାର ବିଚାର କରି ଉଚ୍ଚ ନ୍ୟାୟାଳୟ ଜବରଦଖଲ ଉଚ୍ଛେଦ ପାଇଁ ଏରସମା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ବଳରେ ଗତ ୧୬ରେ ପ୍ରଶାସନ ଉଚ୍ଛେଦ ପାଇଁ ଯାଇଥିବାବେଳେ ଗ୍ରାମର କେତେଜଣ ମହିଳା ବିରୋଧ କରିଥିଲେ। ଏହାପରେ ସରପଞ୍ଚଙ୍କ ସମେତ ଗ୍ରାମ ମୁରବିମାନେ ପ୍ରଶାସନ ସହ ଆଲୋଚନା କରି ବର୍ଷା ଋତୁ ଚାଲିଥିବାରୁ ଚାରିମାସ ସମୟ ମାଗିଥିଲେ। ଫଳରେ ପ୍ରଶାସନ ଉଚ୍ଛେଦ ନ କରି ଫେରିଯାଇଥିଲେ। ଏହି ଘଟଣାକୁ ନେଇ ବୁଧବାର ରାତିରେ ପଦ୍ମଲୋଚନ ଓ ଦଳେଇଙ୍କ ପରିବାର ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ପଦ୍ମଲୋଚନ ଏକ ମାରଣାସ୍ତ୍ରରେ ରବୀନ୍ଦ୍ରଙ୍କ ପୁତୁରା ସୌମ୍ୟରଞ୍ଜନ ଦଳାଇଙ୍କ ହାତକୁ ଆଘାତ କରିଥିଲେ। ଫଳରେ ସେ ଆହତ ହୋଇଥିବା ନେଇ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ମିଳନ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୩୫୪/୨୪) ରୁଜୁ କରି ପଦ୍ମଲୋଚନଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ପଦ୍ମଲୋଚନଙ୍କ ଖୁଡ଼ୀ କାଦମ୍ବିନୀ ମହାନ୍ତି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦଳେଇ ପରିବାର ପକ୍ଷରୁ ତାଙ୍କ ପୁତୁରାଙ୍କୁ ବାଟରେ ଅଟକାଇ ମାରଧର କରିବା ସହ ତାଙ୍କ ମୋଟରସାଇକେଲକୁ ପୋଡ଼ି ଦେଇଥିଲେ। ଜୀବନ ବିକଳରେ ପଦ୍ମଲୋଚନ ଦୌଡ଼ି ପଳାଇଆସୁଥିବାବେଳେ ଦଳେଇ ପରିବାରର ଟିକିନା ଦଳେଇ ଏକ ମାରଣାସ୍ତ୍ରରେ ତାଙ୍କୁ ମାରିବା ସମୟରେ ସୌମ୍ୟରଞ୍ଜନଙ୍କ ହାତରେ ବାଜିଥିଲା। ମିଥ୍ୟାରେ ପୁତୁରା ନାମରେ ଅଭିଯୋଗ କରାଯାଇଥିବା ସେ ଦର୍ଶାଇଛନ୍ତି।

# ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନକୁ ଗୁରୁତ୍ୱ




ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

## ବାଲିକୁଦା ପଞ୍ଚାୟତ ସମିତି ବୈଠକ

ବାଲିକୁଦା,୧୮।୭ (ତାପସ ସ୍ୱାଇଁ)

ବାଲିକୁଦା ପଞ୍ଚାୟତ ସମିତି ଷଷ୍ଠ ସାଧାରଣ ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ରୁନିଲତା ବେହେରା, ଡଲି ପଣ୍ଡା, ବିଡିଓ ବିକାଶ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅତିଥିଭାବେ ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଓ ବିଭିନ୍ନ ବିଭାଗରେ ଥିବା ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକ ଜେନାଙ୍କ ଏହା ଥିଲା ପ୍ରଥମ ପଞ୍ଚାୟତ ସମିତି ବୈଠକ । ଅନ୍ୟପକ୍ଷରେ ନିର୍ବାଚନରେ ବିଧାୟକ ଜେନାଙ୍କ ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବା ଭାଜପା ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ଭାବେ ଯୋଗଦେଇଥିଲେ। ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଅବସରରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ରୋଗୀ ସେବାକୁ ନେଇ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ ପ୍ରଶ୍ନ ଉଠାଇଥିଲେ। ଏଥିରେ ସୁଧାର ଆଣିବାକୁ ସେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏବିଡିଓ ସଂଜୟ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହ ପଞ୍ଚାୟତର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକରେ ମହିଳା ଶିଶୁ ବିକାଶ, ଖାଉଟି କଲ୍ୟାଣ, ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ, ଗମନାଗମନ ଓ ଉନ୍ନୟନ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ୩୦ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷା ପଲାଉର ଧନ୍ୟବାଦ ଦେଇଥିଲେ।

# ‘କେନ୍ଦ୍ର, ରାଜ୍ୟ ସରକାର ସମନ୍ୱୟ ରକ୍ଷା କରି ଚାଷୀଙ୍କ ବିକାଶ କରିବେ’

## ଭାଜପାର ଧନ୍ୟବାଦ ସଭା

ତିର୍ତ୍ତୋଲ,୧୮।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟରେ ଭାଜପା ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ୩୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିଲାଗି ଭାଜପା ଜିଲା କୃଷକ ମୋର୍ଚ୍ଚା ତରଫରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି। ଏଥିନିମନ୍ତେ ଗୁରୁବାର ରାତିରେ ଜଗନ୍ନାଥପୁରସ୍ଥିତ ଏକ ମଣ୍ଡପରେ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ସମନ୍ୱୟ ରକ୍ଷାକରି ରାଜ୍ୟରେ କୃଷକମାନଙ୍କର ଉନ୍ନତି ଲାଗି ବହୁ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହା ଆଗାମୀ ଦିନରେ କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିପାରିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଯୋଗୁଁ କୃଷକମାନେ ଚାଷ ପ୍ରତି ଅଧିକ ଆଗ୍ରହୀ ହେବେ ବୋଲି ସେ କହିଥିଲେ। ଏହି ସଭାରେ ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ବିଭୂତି ଭୂଷଣ ଆଚାର୍ଯ୍ୟ, ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ମହିଳା ନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି, ଜିଲା ଭାଜପା ସମବାୟ ସଭାପତି ପ୍ରଦିପ ନାୟକ, ଜଗନ୍ନାଥପୁର ମଣ୍ଡଳ ସଭାପତି ସୁନନ୍ଦ ବିଶ୍ୱାଳ, ସୁବାସ ସାହୁ, ରାମଚନ୍ଦ୍ର ପାତ୍ର, ଭରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏମ୍‌ପି ଡକ୍ଟର ତରାଇଙ୍କୁ କୃଷକ ମୋର୍ଚ୍ଚା ସହ ବିଭିନ୍ନ ପଞ୍ଚାୟତର ମହିଳା ଗୋଷ୍ଠୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ସଭାରେ ସାମିଲ ହୋଇଥିବା ମହିଳାମାନେ।

# ଜବରଦଖଲ ଉଚ୍ଛେଦ ନ କରି ଫେରିଲା ପ୍ରଶାସନ



## ବର୍ଷାଋତୁ ପାଇଁ ସମୟ ମାଗିଲେ ଭୂମିହୀନ

କୁଜଙ୍ଗ,୧୮।୭ (ମନୋଜ ପ୍ରଧାନ)

ସରକାରୀ ଜାଗାରୁ ଭୂମିହୀନଙ୍କୁ ନ ଉଠାଇ ପ୍ରଶାସନ ଫେରିଯାଇଛି। ପ୍ରକାଶ ଯେ, ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ ବାଲିସାହିର ସରକାରୀ ଜାଗା ଖାତା ନଂ.୭୨୪, ପ୍ଲଟ ନଂ.୧୭୬୫ର ୨ ଡିସିମିଲ୍ ଜାଗାକୁ ସେହି ଗାଆଁର ଭୂମିହୀନ ମଙ୍ଗୁଳି ମୁଦୁଲି ଜବରଦଖଲ କରି ସେଠାରେ ଗୃହ ନିର୍ମାଣ କରି ଦୀର୍ଘବର୍ଷ ହେବ ରହି ଆସୁଛନ୍ତି। ସେ ବହୁବାର ଭୂମିହୀନ ପଟ୍ଟା ପାଇବା ପାଇଁ ତହସିଲରେ ଦରଖାସ୍ତ କରିଥିଲେ ବି ତାଙ୍କ କଥା କେହି ଶୁଣି ନ ଥିଲେ। ଉକ୍ତ ଜାଗା ରାସ୍ତା କିସମ ହୋଇଥିବାରୁ ଉଚ୍ଛେଦ ପାଇଁ ୨୦୨୧ରେ ସେହି ଗ୍ରାମର କେତେଜଣ ଲୋକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ମଙ୍ଗୁଳିଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଥିଲେ ବି ତାହା ହୋଇପାରିନଥିଲା। ଅଭିଯୋଗକାରୀମାନେ ପୁନର୍ବାର ଅଦାଲତ ନିର୍ଦ୍ଦେଶ ଅବଜ୍ଞା ହୋଇଥିବା ନେଇ ରିପିଟିଶନ୍ କରିଥିଲେ। ଏହାପରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନିକ ଅଧିକାରୀମାନେ ଆସିଥିଲେ। ଏହି ସମୟରେ ବର୍ଷା ଋତୁରେ କେଉଁଠି ରହିବେ ବୋଲି ମଙ୍ଗୁଳି ପ୍ରଶ୍ନ କରିଥିଲେ। ତାଙ୍କୁ ଅନ୍ୟ କେଉଁଠି ଦୁଇ ଡିସିମିଲି ଜାଗାଦେଇ ଥଇଥାନ କରିବାକୁ ସେ ଜଗତ୍‌ସିଂହପୁର ଜିଲାପାଳ ଓ ଉଚ୍ଚ ନ୍ୟାୟାଳୟକୁ ନିବେଦନ କରିଥିବା କହିଥିଲେ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ତାଙ୍କୁ ସେଠାରୁ ଉଚ୍ଛେଦ କଲେ ସେ ଗଛମୂଳେ ମଧ୍ୟ ରହିପାରିବେ ନାହିଁ ବୋଲି କହିଥିଲେ। ଏନେଇ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ସମୟ ଦେବାକୁ ସେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ପ୍ରଶାସନ ଉଚ୍ଛେଦ ନ କରି ଫେରି ଆସିବାକୁ ବାଧ୍ୟ ହୋଇଛି। ଜବରଦଖଲ ଉଚ୍ଛେଦ ପାଇଁ କୁଜଙ୍ଗର ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ, ଏରସମାର ରାଜସ୍ୱ ପରିଦର୍ଶକ ରବୀନ୍ଦ୍ର ଲେଙ୍କା, ଅଲେଖ ଚନ୍ଦ୍ର ବେହେରା ଓ ରାଜସ୍ୱ ନିରୀକ୍ଷକ ଚନ୍ଦନ ବେହେରାଙ୍କ ସମେତ ଆଇନଶୃଙ୍ଖଳା ରକ୍ଷା ପାଇଁ ଅଭୟଚାନ୍ଦପୁର ଥାନା ପକ୍ଷରୁ ଏଏସ୍‌ଆଇ ଯତୀନ୍ଦ୍ରନାଥ ପାତ୍ର ଓ ଅନ୍ୟ ପୋଲିସ୍ କର୍ମଚାରୀ ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ୫ ବର୍ଷ ଜେଲ

କେନ୍ଦୁଝର,୧୮।୭(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଗୁରୁବାର ଏକ ଅପହରଣ ଓ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ବିଚାର କରି ପାଟଣା ଥାନା ଦୁବେଇପେଣ୍ଠ ଗ୍ରାମର ବାବୁଲି ନାଏକ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୯ ବର୍ଷୀୟ ପୀଡ଼ିତାଙ୍କୁ ୨୬ ସେପ୍ଟେମ୍ବର ୨୦୨୩ ରେ ଅଭିଯୁକ୍ତ ଖାତା, କଲମ କିଣିଦେବ କହି ଗାଁ ଦୋକାନକୁ ନେଇଥିଲେ। ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କୁ ନ ପାଇ ମା’ ଖୋଜିବାକୁ ଯାଇଥିଲେ। ନାବାଳିକାଙ୍କ ମା’ଙ୍କୁ ଦେଖି ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ କହିବା ପରେ ପାଟଣା ଥାନାରେ ପୀଡ଼ିତାଙ୍କ ବାପା ସେପ୍ଟେମ୍ବର ୨୭ରେ ଲିଖିତ ଅଭିଯୋଗ କରିଥିଲେ।

# ଜିଲାପାଳ ଅନୁପମ ଶାହାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

## ଅତିରିକ୍ତ ଜିଲାପାଳ ସମ୍ବିତ ରାଉତଙ୍କୁ ଅସ୍ଥାୟୀ ଜିଲାପାଳ ଦାୟିତ୍ୱ

ଜଗତ୍‌ସିଂହପୁର, ୧୮।୭ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ବୁଧବାର ଏ ସଂକ୍ରାନ୍ତରେ ଘୋଷଣା ପରେ ଗୁରୁବାର ଶାହା ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଭୁବନେଶ୍ୱର ଅଭିମୁଖେ ଗସ୍ତ କରିଛନ୍ତି। ତେବେ ଜଗତ୍‌ସିଂହପୁର ଛାଡ଼ିବା ପୂର୍ବରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜଗତ୍‌ସିଂହପୁରର ୨ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରକାଶଯୋଗ୍ୟ, ୨୦୧୨ ବ୍ୟାଚ ଆଇଏଏସ୍ ଅଧିକାରୀ ଶାହା ଗତ ଏପ୍ରିଲ ୬ରେ ଜଗତ୍‌ସିଂହପୁର ଜିଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ ସାଧାରଣ ନିର୍ବାଚନ ଶାନ୍ତି ଶୃଙ୍ଖଳା ମଧ୍ୟରେ ସମାପନ ହୋଇଥିଲା।

# ଏଡିଜେ କୋର୍ଟ ଖୋଲିବା ନେଇ ବିଧାୟକଙ୍କୁ ଦାବିପତ୍ର

ଚଣ୍ଡିଖୋଲ,୧୮।୭ (ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ସମୟରେ ଚଣ୍ଡିଖୋଲଠାରେ ଖୋଲିବାକୁ ଥିବା ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ)କୋର୍ଟ ଓ ଅତିରିକ୍ତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବାର୍ ଆସୋସିଏଶନର ସଭାପତି ଦେବରାଜ ବେହେରା, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରମୁଖ ବିଧାୟକଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ନୂଆ କ୍ରିମିନାଲ ଆଇନ ଲାଗୁ ପରେ



ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତା ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚଣ୍ଡିଖୋଲ କୋର୍ଟରେ ଉପୁଜିଥିବା ସଂକଟ ସମ୍ପର୍କରେ ଆଲୋଚନା କରାଯାଇଛି। ଚଣ୍ଡିଖୋଲ ସହକାରୀ ଦୌରାଜଜ କୋର୍ଟ ନୂଆ ଆଇନରେ ଉଚ୍ଛେଦ କରାଯାଇଛି। ଫଳରେ ବିଚାର ବିଭାଗ, ଆଇନଜୀବୀ ଓ ସାଧାରଣ ଲୋକ ଭୋଗୁଥିବା ଅସୁବିଧାକୁ ବିଚାରକୁ ନେଇ ଶୀଘ୍ର ଅତିରିକ୍ତ ଜିଲା ଦୌରାଜଜ କୋର୍ଟ କାର୍ଯ୍ୟକାରୀ ପାଇଁ ଦାବି ହୋଇଛି। ବିଧାୟକ ଏହାର ଗୁରୁତ୍ୱ ଉପଲବ୍ଧି କରି ଏହା ତାଙ୍କର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ବୋଲି ପ୍ରକାଶ କରିଛନ୍ତି।

# ୬୦୦ ଏକର ଜମିରେ ଚାଷ କାର୍ଯ୍ୟ ଠପ୍

- ଜମି ରହୁଛି ଉଦ୍‌ବୃତ୍ତ ଜଳ
- ପମ୍ପ ହାଉସ ଅଚଳ
- ରାସ୍ତା ଉଚ୍ଚା ଓ ଗୃହ ନିର୍ମାଣ ଯୋଗୁ ନିଷ୍କାସନ ପଥ ବନ୍ଦ

ନାଉଗାଁ,୧୮।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତରେ ରହିଛି ଶିଖରପାଟ। ଏହି ପାଟରେ ପଞ୍ଚାୟତର ଶାଳିଜଙ୍ଗା, ବୋଦଳ, ଶିଖର, ସାରେଇକୁଳ, ବିଲିପଡା, ଅଙ୍ଗେଶ୍ୱରପଡା, ନଳାଙ୍ଗ, ମଠକୁଳ ଆଦି ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ୬୦୦ ଏକର ଚାଷ ଜମି ରହିଛି। ଏହି ପାଟକୁ ଉକ୍ତ ପଞ୍ଚାୟତର ଭାତହାଣ୍ଡି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ବର୍ତ୍ତମାନ ଏହି ପାଟରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଚାଷ କାର୍ଯ୍ୟ ଠପ୍ ହୋଇଯାଇଛି।

ସ୍ଥାନୀୟ ଚାଷୀଙ୍କ କହିବା ମୁତାବକ, ଏହି ପାଟରେ ୩ଟି ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମହାବାତ୍ୟା ପରେ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ବନ୍ଦ ହେବା ପରେ ପମ୍ପ ହାଉସଗୁଡ଼ିକ ଅଚଳ ହୋଇଯାଇଛି। ଚାଷୀମାନେ ଚାଷ କାର୍ଯ୍ୟ କରିବା ପାଇଁ ବର୍ଷା ଉପରେ ନିର୍ଭର କରୁଛନ୍ତି। ପାଣି ପାଗ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା ହେଉନାହିଁ। ଫଳରେ ଚାଷକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଚାଷୀମାନେ ବର୍ଷାକୁ ଚାହିଁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରୁଛନ୍ତି।

ଉଦ୍‌ବୃତ୍ତ ବର୍ଷା ଜଳକୁ ନିଷ୍କାସନ କରିବା ପାଇଁ ୨୦୧୦ରେ ତତ୍କାଳୀନ ବିଧାୟକ ବିଷ୍ଣୁ ଦାସଙ୍କ ନିକଟରେ ସ୍ଥାନୀୟ ଚାଷୀ ଅଭିଯୋଗ କରିଥିଲେ। ଏହାପରେ ତତ୍କାଳୀନ ବିଧାୟକଙ୍କ ପାଣ୍ଠିରୁ ହୋମ୍ ପାଇପ୍ ପକାଇବା ପାଇଁ ୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। କିନ୍ତୁ ଉକ୍ତ କାର୍ଯ୍ୟ କୌଣସି କାରଣବଶତଃ କରାଯାଇ ପାରି ନ ଥିଲା। ପରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ପ୍ରଶାନ୍ତ ମୁଦୁଲିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପାଟଟି ଦେବୀ ନଦୀର ବାମ ପାର୍ଶ୍ୱରେ ଅବସ୍ଥିତ ହୋଇଥିବାବେଳେ ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ଉଚ୍ଚ କରାଯାଉଛି। ସେହିପରି ପାଟର ଚତୁଃପାର୍ଶ୍ୱରେ ବିଭିନ୍ନ ଗ୍ରାମ ରହିଛି। ଗାଁ ରାସ୍ତା, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକୁ ବିଭାଗ ପକ୍ଷରୁ ପୁନଃ ନିର୍ମାଣ ଓ ସମ୍ପ୍ରସାରଣ କରାଯିବା ଫଳରେ ରାସ୍ତାଗୁଡ଼ିକ ଉଚ୍ଚ ହୋଇଗଲାଣି। ଲୋକମାନଙ୍କ ବାସଗୃହ ଯୋଗୁ ଜଳ ନିଷ୍କାସନ ପଥଗୁଡ଼ିକ ବନ୍ଦ ହୋଇଗଲାଣି। ଏଥିଯୋଗୁ ଅତ୍ୟଧିକ ବର୍ଷା କିମ୍ବା ନଦୀରେ ବନ୍ୟାଜଳ ଆସିଲେ ଉକ୍ତ ପାଟ ଜଳମଗ୍ନ ହୋଇ ଯାଉଛି। ଜଳ ନିଷ୍କାସନର ବାଟ ନ ଥିବାରୁ ଚାଷୀମାନେ ଧାନ ଅମଳ କରି ପାରୁନାହାନ୍ତି। ଉକ୍ତ ପାଟରେ କିଛି ଗୋଚର ଜମି ରହିଛି। ଉକ୍ତ ଗୋଚର ଜମି ଦେଇ ଏକ ସ୍ଥାୟୀ ନାଳ ଶିଖର ହନୁମାନ ମନ୍ଦିର, ବାଂଶ ଦେଇ ଗୋବରୀ ନାଳକୁ ସଂଯୋଗ କରାଗଲେ ଏହି ପାଟରୁ ସହଜରେ ଜଳ ନିଷ୍କାସନ ହୋଇପାରିବ ବୋଲି ଚାଷୀ ନିରଞ୍ଜନ ନାୟକ, ସୁରେନ୍ଦ୍ର ନାୟକ, ଚିନ୍ମୟ ମୁଦୁଲି, ବୀର କିଶୋର ପରିଡା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ଭାପୁର ବ୍ଲକ୍‌ର ପୂର୍ବତନ କନିଷ୍ଠ ଯନ୍ତ୍ରୀ ବହିଷ୍କୃତ

ନୟାଗଡ଼,୧୮।୭ (ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଭାପୁର ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କୁ ରାଜ୍ୟ ସରକାର ଚାକିରୀରୁ ବହିଷ୍କୃତ କରିଛନ୍ତି। ପ୍ରମୋଦଙ୍କୁ ୨୦୦୮-୯ ମସିହାରେ ଭାପୁରରେ ବନ୍ୟା ପରବର୍ତ୍ତୀ ରାସ୍ତା ନିର୍ମାଣ ଦୁର୍ନୀତିରେ ଚାକିରୀରୁ ବହିଷ୍କୃତ କରାଯାଇଛି। ପରେ ଭାପୁର ବ୍ଲକରୁ ତାଙ୍କୁ ରଣପୁର ବ୍ଲକକୁ ବଦଳି କରାଯାଇଥିଲା। ତାଙ୍କ ନାମରେ ଭିଜିଲାନ୍ସ ମାମଲା ମଧ୍ୟ ରହିଥିଲା।

### ମଇଁଷି ଚାଲାଣ କରି ୨ ଜେଲ ଗଲେ

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ବେଆଇନ ଭାବେ ମଇଁଷି ଚାଲାଣ କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଇଟାମାଟି ଥାନା ବାଉଁଶିଆପଡା ଗାଁର ମାନସ କୁମାର ସେଠୀ(୪୦) ଓ ନୟାଗଡ଼ ସଦର ଥାନା ବୋଦାପଡା ଗାଁର କୃଷ୍ଣଚନ୍ଦ୍ର ମହାପାତ୍ର(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଏକ ଫେକ ନମ୍ବର ବିଶିଷ୍ଟ ଟ୍ରକରେ ବେଆଇନ ଭାବେ ୮ଟି ମଇଁଷି ଚାଲାଣ ହେଉଥିଲା। ଟ୍ରକର ସମ୍ମୁଖ ପାଖରେ ଓଡି୨୫ ୨୯୮୩ ନମ୍ବର ଲେଖାଥିବାବେଳେ ପଛ ପାଖରେ ଓଡି୨୫ ଏଲ ୨୯୮୩ ଉଲ୍ଲେଖ ରହିଥଲା। ଯାଞ୍ଚ ପରେ ଏହା ଫେକ ବୋଲି ଜଣାପଡିଛି। ଉଭୟ ଟ୍ରକରେ ମଇଁଷି ନେଇ ଯାଉଥିବାବେଳେ ଗୁରୁବାର ଅପରାହ୍ନରେ ଗୋଲେଇ ଟ୍ରାଫିକ ଛକରେ ପୋଲିସ ଗିରଫ କରି ପଚରାଉଚୁରା କରିଥିଲା। ଅନ୍ୟପକ୍ଷେ ଏକ ମାମଲା(ନଂ. ୨୬୪/୨୪) ରୁଜୁ ହୋଇଛି। ଜବତ ମଇଁଷିକୁ ଖଣ୍ଡପଡ଼ା ଥାନା ଗିରିଡିପଲ୍ଲୀ ଗୋଶାଳାରେ ରଖା ଯାଇଛି।

### ଖଣ୍ଡପଡ଼ାରେ ବାହୁଡ଼ା ଭଜନ ସନ୍ଧ୍ୟା

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)

ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅବସରରେ ଖଣ୍ଡପଡ଼ା ସହରରେ ଗତ ୨ଦିନ ଧରି ରଥ ସମ୍ମୁଖରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ସହପାଠୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାରତୀ ଭୂଷଣ ମିଶ୍ର ଓ ଶିକ୍ଷାବିତ୍ ଜଗଦୀଶ ମହାପାତ୍ର ଅତିଥି ରୁପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ୨ୟ ଦିବସରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଝିପ ଝିପ ବର୍ଷା ସତ୍ତ୍ୱେ ସ୍ଥାନୀୟ ଜନସାଧାରଣ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚ ନିକଟରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଶ୍ରୀରଘୁନାଥଜୀଉଙ୍କ ପୂର୍ବତନ ମୋହରିରଙ୍କ ପରଲୋକ

ଓଡ଼ଗାଁ,୧୮।୭
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଲକ୍ଷ୍ମୀବଜାର ନିକଟସ୍ଥ ଶ୍ରୀରାମନଗର ବାସିନ୍ଦା ତଥା ଶ୍ରୀରଘୁନାଥଜୀଉଙ୍କ ପୂର୍ବତନ ମୋହରିର ରାମଚନ୍ଦ୍ର ପଟ୍ଟନାୟକ(୭୪)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ ବଡ଼ ଏକାଦଶୀ ତିଥିରେ ଲକ୍ଷ୍ମୀବଜାରସ୍ଥିତ ଲକ୍ଷ୍ମୀମନ୍ଦିର ଯାଇଥିଲେ । ସେଠାରେ ହନୁମାନଙ୍କୁ ଦର୍ଶନ କରି ରଥାରୁଢ଼ ଶ୍ରୀଜଗନ୍ନାଥ ଏବଂ ରଘୁନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲେ । ଏଥିପାଇଁ ସେ ହାତରେ ନଡିଆ ଓ ତୁଳସୀମାଳ ଧରିଥିଲେ। ହେଲେ କିଛିବାଟ ଯିବାପରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ସେଠାରେ ବସିପଡ଼ି ଥିଲେ। ଏହାର କିଛି ସମୟପରେ ସେ ସେଠାରେ ଟଳିପଡ଼ିଥିବା ଦେଖଣାହାରୀ କହିଛନ୍ତି। ଦେବୋତ୍ତର ବିଭାଗ ଦ୍ୱାରା ନିଯୁକ୍ତ ହୋଇ ରାମକୃଷ୍ଣ ଓଡ଼ଗାଁ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ଅଫିସରେ ପ୍ରାୟ ୩୦ ବର୍ଷ ହେବ ମୋହରି ଭାବେ କାମ କରିଥିଲେ ।

# ଖଣ୍ଡପଡ଼ା ବ୍ଲକ୍‌ରେ ବହୁ ଶିକ୍ଷକ ପଦବୀ ଖାଲି

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)

- ଅବସର ପରେ ପଦବୀ ପୂରଣ ହେଉନାହିଁ
- ବହୁ ବର୍ଷ ଧରି ଗୋଟିଏ ସ୍କୁଲରେ ଶିକ୍ଷାଦାନ
- ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ଦାବି

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଶତାଧିକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ବଦଳି ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତ ଓ ଖଣ୍ଡପଡ଼ା ସହରରେ ଶିକ୍ଷାଦାନ ନିମନ୍ତେ ୨୮ ଉଚ୍ଚ ବିଦ୍ୟାଳୟ, ୩ ଆଶ୍ରମ ବିଦ୍ୟାଳୟ, ୧୦୨ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଥିବା ଅଧିକାଂଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ସାଧାରଣରେ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୩ ବର୍ଷ ମଧ୍ୟରେ ପ୍ରତି ମାସରେ ଏକାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଅବସର ଗ୍ରହଣ କରୁଥିବାରୁ ଶିକ୍ଷକ ପଦବୀ ଖାଲି ପଡୁଛି। ସେହି ପଦବୀ ପୂରଣ ଦିଗରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି।

ନିୟମିତ ଭାବେ ଶିକ୍ଷକ ପଦବୀ ଖାଲି ପଡୁଥିବାରୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଉଛି। ଜଣେ ଶିକ୍ଷକଙ୍କ ଦ୍ୱାରା ଖଣ୍ଡପଡ଼ା ବ୍ଲକ୍ ଅଧୀନରେ ଥିବା ୧୭ ବିଦ୍ୟାଳୟ ଏବେ ପରିଚାଳିତ ହେଉଥିବାରୁ ଏହା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସେହିପରି ଗୋଟିଏ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଶିକ୍ଷକ ଥିବା ବେଳେ ଅନ୍ୟ ବିଦ୍ୟାଳୟରେ ଜଣେ ଶିକ୍ଷକ ୫ରୁ ୭ବର୍ଷ ଧରି ଶିକ୍ଷାଦାନ କରି ଆସୁଛନ୍ତି। ଏପରିକି ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ବର୍ଷଧରି ଅବସ୍ଥାପିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନ୍ୟତ୍ର ବଦଳି କରାଯାଇଥିଲେ ହେଁ ବିଭିନ୍ନ ଚାପରେ ବଦଳି ଆଦେଶ ବାତିଲ କରାଯାଉଥିବା ଅଭିଯୋଗ ହୋଇଛି। ହାତ ଗଣତି କେତେଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଶିକ୍ଷାଦାନ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଶିକ୍ଷାଦାନ ଛାଡି ରାଜନୀତିରେ ମାତିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଦୀର୍ଘ ବର୍ଷ ଧରି ବିଭିନ୍ନ ବିଦ୍ୟାଳୟରେ ଅବସ୍ଥାପିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତକଲା ପୋଲିସ

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)



ଦ୍ରୁତ ଗାଡ଼ିଚାଳନା ଯୋଗୁ କଣ୍ଟିଲୋରୁ ଖଣ୍ଡପଡ଼ା ଅଭିମୁଖେ ଯାଉଥିବା ଏକ କାର ବାଣପୁର-ଖଣ୍ଡପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଗୋପୀନାଥପୁର ମା'ବ୍ରାହ୍ମଣୀଦେବୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖ ବୁଲାଣୀରେ ଭାରସାମ୍ୟ ହରାଇ ଏକ ଗଛ ସହ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କାର ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କଣ୍ଟିଲୋ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଜାରି ରଖିଛି ବୋଲି ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା କହିଛନ୍ତି। ଉକ୍ତ କାରଟି ଅପରାହ୍ନରେ କଣ୍ଟିଲୋରୁ ବେଣାଗାଡିଆ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣାରେ କାରଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି।

# ବସନ୍ତ କୁମାର ବିଦ୍ୟାପୀଠର ପ୍ରତିଷ୍ଠା ଦିବସ



ବସନ୍ତ କୁମାର ବିଦ୍ୟାପୀଠ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ପଞ୍ଚାୟତସ୍ଥିତ ବସନ୍ତ କୁମାର ବିଦ୍ୟାପୀଠର ଗୁରୁବାର ୩୭ ତମ ପ୍ରତିଷ୍ଠା। ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ମାନେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ବିଦ୍ୟାଳୟକୁ ଫେରିଥିଲେ। ପରେ ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ସ୍ୱାଇଁଙ୍କ ପରିବାର ପକ୍ଷରୁ ଖଣ୍ଡପଡା ବ୍ଲକର ପୂର୍ବତନ ଅଧକ୍ଷା ସୀତା ସ୍ୱାଇଁ ଯୋଗଦେଇ ପ୍ରତିଷ୍ଠା ଦିବସର ମୂଲ୍ୟବୋଧ ପ୍ରକଟିତ କରିଥିବାରୁ ପଞ୍ଚାୟତବାସୀ ତଥା ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ତାଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ଏହାଛଡା ଆମ ପରିବାର ପକ୍ଷରୁ ଉକ୍ତ ବିଦ୍ୟାଳୟଟି ପ୍ରତିଷ୍ଠା କରାଯାଇଥିବାରୁ ଏହାର ଉନ୍ନତି ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ବିଦ୍ୟାଳୟର ସୁରକ୍ଷା ପ୍ରାଚୀର ଏବଂ ସାଇକେଲ ଷ୍ଟାଣ୍ଡ ନିର୍ମାଣର ଆବଶ୍ୟକତା ଥିବାରୁ ଏ ଦିଗରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ୬ନଂ.ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟକୃଷ୍ଣ ବେହେରା, ସରପଞ୍ଚ ପ୍ରତିମା ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ଶିକ୍ଷାବିତ୍ ଜମେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ଅନୁଷ୍ଠାନ ସହିତ ଅଞ୍ଚଳର ନାଁ ରଖିବ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଭଗବାନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

### ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏବଂ ଅର୍ଗାନାଇଜେଶନ ଫର ରୁରାଲ ଅଫ୍ ସୋସିଆଲ ଆକ୍‌ଟିଭିଟିଜ ସଂଗଠନ ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ୬ନଂ.ଜିଲା ପରିଷଦ ସଦସ୍ୟା ଉଜ୍ଜଳ ମହାରଣା ଓ ଅନୁଷ୍ଠାନର ଅଧକ୍ଷ ରଣଜିତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ଅଙ୍କିତା ମଣ୍ଡଳ ଓ ନୟାଗଡ଼ ଭୂମିକା ଚକ୍ଷୁ ହସ୍ପିଟାଲର ଡ଼ାକ୍ତର ସ୍ୱୟଂପ୍ରଭା ସାହୁ, ଡ. ଲୋପାମୁଦ୍ରା ମହାନ୍ତି ଓ ଜିତେନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହିତ ଓ ଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ୮ଜଣଙ୍କ ମାଗଣା ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସୁପାରିଶ କରାଯାଇଥିଲା। ଅପରପକ୍ଷେ ନୟାଗଡ ରକ୍ତ ଭଣ୍ଡାର ପକ୍ଷରୁ ଆସିଥିବା ଅଜୟ କୁମାର ପଟ୍ଟନାୟକ, ପ୍ରକାଶ ପାଣିଗ୍ରାହୀ, ରବିନ୍ଦ୍ର ସାହୁ, ସନ୍ତୋଷ ସାମନ୍ତସିଂହାର ଓ ଶବଦର ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏ ଅବସରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ ହୃଷିକେଶ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ନିଲମ୍ବିତ

**ଓସ୍ତିଆମାଳ ଆଶ୍ରମ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା**

ଓଡ଼ଗାଁ,୧୮।୭
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ଓସ୍ତିଆମାଳ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନୟାଗଡ଼ ଜିଲାପାଳ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପ୍ରଧାନ ଏବଂ ସହକାରୀ ଶିକ୍ଷକ ଭାଗିରଥି ପ୍ରଧାନଙ୍କୁ ଗତ ୧୦ ତାରିଖରେ ନିଲମ୍ବନ କରିଛନ୍ତି। ଓସ୍ତିଆ ମାଳ ଆଶ୍ରମ ବିଦ୍ୟାଳୟରେ ଗଜପତି, କନ୍ଧମାଳ, ଗଞ୍ଜାମ, କୋରାପୁଟ ଆଦି ଜିଲାରୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢୁଥିଲେ। ଗଜପତି ଜିଲା ମୋହନା ଥାନା ରାପେଟ ଗ୍ରାମର ନେକୁଳ ମାଝୀଙ୍କ ପୁଅ ନିଖିଳ (୧୩) ଚଳିତ ମାସ ୪ରେ ଗ୍ରାମରୁ ଆସି ଜ୍ୱରରେ ପୀଡ଼ିତ ହୋଇଥିଲେ। ନିଖିଳ ଜ୍ୱରରେ କମ୍ପୁଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ନେଇ ଜଣେ ଏଏନଏମ୍‌ଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ। ରୋଗ ପରୀକ୍ଷା ନ କରି ଆନୁମାନିକ ଚିକିତ୍ସା ଫଳରେ ଦୁଇ ଦିନ ପରେ ନିଖିଳଙ୍କ ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ଛାତ୍ର ମୃତ୍ୟୁ ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ମଧ୍ୟ ଜିଲା ମଙ୍ଗଳ ଅଧିକାରୀ ନୀରବ ରହିଥିଲେ। ଏନେଇ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକଙ୍କ ଫୋନ୍ ନଂ.୯୪୩୭୫୫୫୫୧୨ରେ ତାଙ୍କୁ ଯୋଗାଯୋଗ କରିବାରୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

# ଜେଲ ଗଲେ ଗୋଡ଼ିପଡ଼ା, ପଞ୍ଚୁମୁ ପିଇଓ

**ଭତ୍ତା ଟଙ୍କା ଓ ରାଶନ ସାମଗ୍ରୀ ହେରଫେର ଘଟଣା**

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଗୋଡିପଡା ଓ ପଞ୍ଚୁମୁ ପଞ୍ଚାୟତରେ ରାଶନ ସାମଗ୍ରୀ ଓ ଭତ୍ତା ଟଙ୍କାରେ ହେରଫେର ମହଙ୍ଗା ପଡିଛି। ଗୋଡିପଡା ଓ ପଞ୍ଚୁମୁ ପଞ୍ଚାୟତର ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ସୂର୍ଯ୍ୟମଣି ସ୍ୱାଇଁଙ୍କୁ ଶରଣକୁଳ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସୂର୍ଯ୍ୟମଣିଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ସୂର୍ଯ୍ୟମଣିଙ୍କ ଘର ଶରଣକୁଳ ଥାନାର ଗୋଡିପଲ୍ଲୀ ଗାଁରେ। ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରାଙ୍କ ସୂଚନା ଅନୁସାରେ ଗୋଡିପଡା ପଞ୍ଚାୟତରେ ହିତାଧିକାରୀମାନେ ରାଶନ ସାମଗ୍ରୀ ମେ ଓ ଜୁନ ମାସରେ ପାଇ ନାହାନ୍ତି। ଗୋଡିପଡା ପଞ୍ଚାୟତରେ ୨୧ କୁଇଣ୍ଟାଲ ୭୦ କେଜି ରାଶନ ଚାଉଳ ହଡପ ହୋଇଥିଲା। ସେହପରି ଗୋଡିପଡା ଓ ପଞ୍ଚୁମୁ ପଞ୍ଚାୟତର ୨ ଲକ୍ଷ ୪୩ ହଜାର ୩ଶହ ଟଙ୍କା ଭତ୍ତା ଟଙ୍କା ହଡପ ହୋଇଥିଲା। ରାଶନ ଚାଉଳ ଓ ଭତ୍ତା ଟଙ୍କାଙ୍କୁ ପିଇଓ ହଡପ କରିଥିବାର ଓଡ଼ଗାଁ ବିଡିଓ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୧୨୪/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ପିଇଓଙ୍କୁ ଗିରଫ କରି ଘଟଣାର ତଦନ୍ତ କରିଥିଲା।

# ପିଏମ୍ ବିଶ୍ୱକର୍ମା ଯୋଜନା ଆବେଦନ ଉପରେ ଫଇସଲା ନିର୍ଦ୍ଦେଶ

ଛତ୍ରପୁର,୧୮।୭ (ସନ୍ତୋଷ ପାଢ଼ୀ)



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଗଞ୍ଜାମ ଜିଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରଧାନମନ୍ତ୍ରୀ ବିଶକର୍ମା ଯୋଜନାରେ ଜିଲାର ଯୁବକଗଣ ସ୍ୱାବଲମ୍ବୀ ହେବାରେ ସକ୍ଷମ ହୋଇପାରୁଛନ୍ତି। ଗୁରୁବାର ଓସୱାନ ହସଲରେ ଆୟୋଜିତ ସମୀକ୍ଷା ବୈଠକରେ ଏହି ମତ ପ୍ରକାଶ ପାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପରିଷଦ ମଧୁମିତାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକରେ ଜିଲାର ଯୁବବର୍ଗ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଆବେଦନ ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା ହୋଇଯାଇଛି। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ଯୁବପିଢିମାନଙ୍କୁ ସମ୍ମାନଜନକ ସାମର୍ଥ୍ୟ ବୃଦ୍ଧି କରାଯାଇ ସେମାନଙ୍କର ସମୃଦ୍ଧି ସହିତ ଦେଶ ତଥା ରାଜ୍ୟର ବିକାଶ କ୍ଷେତ୍ରରେ ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ଯୋଜନାରେ ଜିଲାର ଯୁବ ବର୍ଗ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସାମିଲ ହୋଇ ନିଜେ ଲାଭବାନ ହେବ ସହିତ ଅନ୍ୟକୁ ମଧ୍ୟ କର୍ମ ଯୋଗାଣ ଦେଇଆସୁଛନ୍ତି। ବିଶେଷକରି କ୍ଷୁଦ୍ର ଶିଳ୍ପମାନ ସ୍ଥାପନ କରି ବଜାର ଚାହିଦାର ଆବଶ୍ୟକତାକୁ ମେଣ୍ଟାଇ ପାରୁଛନ୍ତି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳଗୁଡିକରେ ଏହି ଅଣୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସକାଶେ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦିଆଯାଉଛି। ଆର୍ଥିକ ସହାୟତା ସହିତ ଆଖିଦୃଶିଆ ସବସିଡ୍ ଯୁବକମାନଙ୍କୁ ଆକୃଷ୍ଟ କରୁଛି। କ୍ଷୁଦ୍ର ଶିଳ୍ପ ସ୍ଥାପନ ସହିତ ସେମାନେ କିଭଳି ଲାଭବାନ ହେବେ ସେଥି ନିମନ୍ତେ ଜିଲା ଶିଳ୍ପ ସଂସ୍ଥା ତରଫରୁ ସ୍ୱଳ୍ପ ଦିନରେ ପ୍ରଶିକ୍ଷଣ ମଧ୍ୟ ଯୋଗାଇ ଦିଆଯାଇ ଏହାର ପରିଚାଳନାଗତ ସମସ୍ତ ବୈଷୟିକ ଜ୍ଞାନ ପ୍ରଦାନ କରାଯାଉଛି । ଜୁଲାଇ ୨୦୨୪ ସୁଦ୍ଧା ଜିଲ୍ଲାରେ ୪୫୫୧୧ ପ୍ରାର୍ଥୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ୧୧୨୩୦ ଆବେଦନ ଯାଞ୍ଚ ହୋଇସାରିଛି। ୩୪୨୪୨ଟି ଆବେଦନ ଗୁଡିକର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଜିଲାସ୍ତରରେ ୧୧୦୭୩ ଟି ଏବଂ ରାଜ୍ୟସ୍ତରରେ ୧୫୧ଟି ଆବେଦନ ମଞ୍ଜୁର ଅପେକ୍ଷାରେ ରହିଛି। ସମସ୍ତ ଆବେଦନ ପ୍ରକ୍ରିୟାରେ କାର୍ଯ୍ୟ ଶେଷ କରିବାକୁ ଜିଲା ଉନ୍ନୟନ ଅଧିକାରୀ ମଧୁମିତା ବୈଠକରେ ଉପସ୍ଥିତ ଥିବା ସମସ୍ତ ବିଡିଓଙ୍କୁ ଅବଗତ କରିଥିଲେ।

# ବଡ଼ଦାଣ୍ଡ ସଫେଇକଲେ ସ୍ୱେଚ୍ଛାସେବୀ

ଧରାକୋଟ,୧୮।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଗଡ଼ରେ ବୁଧବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ନିଆରା ଯାତ୍ରାକୁ ଆଖପାଖ ଅଞ୍ଚଳ ସହ ଜିଲାର ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥିଲେ। ସମଗ୍ର ବଡଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା। ପ୍ରାୟ ଦୁଇ ଶହ ଉଠାଦୋକାନୀ ଛୋଟ ବଡ ଦୋକାନ ଖୋଲିଥିଲେ। ପାଗ ମେଘୁଆ ରହିଥିବା ଯୋଗୁ ସେମାନଙ୍କର ଭଲ ବ୍ୟବସାୟ ମଧ୍ୟ ହୋଇଥିଲା। ଯାତ୍ରା ପରେ ଏଣେ ତେଣେ ଆବର୍ଜନା ସହ ବିଭିନ୍ନ ଅଦରକାରୀ ବିଭିନ୍ନ ବଳକା ଜିନିଷ ପଡ଼ିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଗୁରୁବାର ଭୋରରୁ ସ୍ଥାନୀୟ ହନୁମାନ ଯୁବକ ସଂଘ ଓ ସତ୍ୟସାଇ ସେବା ଗ୍ରୁପର ସଦସ୍ୟମାନେ ସମଗ୍ର ବଡଦାଣ୍ଡ ସଫେଇ କରିଥିଲେ। ଏଣେ ତେଣେ ପଡ଼ିଥିବା ଅଳିଆ ଆବର୍ଜନାକୁ ପଞ୍ଚାୟତର ଅଳିଆବୁହା ଗାଡ଼ିରେ ନେଇ ବାହାରେ ଫିଙ୍ଗିଥିଲେ। ବର୍ତ୍ତମାନ ବଡଦାଣ୍ଡ ପରିବେଶ ସ୍ୱଚ୍ଛ ରହିଛି।

# ଆତ୍ମହତ୍ୟା ନୁହେଁ, ହତ୍ୟା କରାଯାଇଛି

- ସୁରେନ୍ଦ୍ର ତରେଇ ମୃତ୍ୟୁ ଘଟଣା, କ୍ରାଇମବ୍ରାଞ୍ଚ ତଦନ୍ତ ଦାବି
- ଏସ୍‌ଡିପିଓଙ୍କୁ ଭେଟିଲେ ପରିବାର ଲୋକ

ଛତ୍ରପୁର,୧୮।୭(ସନ୍ତୋଷ ପାଢ଼ୀ)

ଛତ୍ରପୁର ଥାନା ବରଙ୍ଗ ଗ୍ରାମର ସୁରେନ୍ଦ୍ର ତରାଇ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଏସଡିପିଓ ଗୌରହରି ସାହୁଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ପରିବାର ସଦସ୍ୟ। ଏହି ଘଟଣାର ଏକ ଟିମ ତଦନ୍ତ କରୁଥିବା ଆଇଆଇସି ନିରୋଦ କୁମାର ଦାସ କହିଛନ୍ତି।

ଭାଜପା ନେତା ପଦ୍ମ ପରିଡା, ସନ୍ତୋଷ ନାହାକ, ବିଜୟ ମୁଦୁଲି, ଶ୍ରୀକାନ୍ତ ରାଉତ, ନରେନ୍ଦ୍ର ପ୍ରଧାନ, ରାମ ଚନ୍ଦ୍ର ନାହାକ, ସନ୍ୟାସୀ ରାଉତଙ୍କ ନେତୃତ୍ୱରେ ତାଙ୍କ ପରିବାର ସଦସ୍ୟ ଭେଟି ଏହି ଦାବି ରଖିଛନ୍ତି । ଗତ ୪ତାରିଖରେ ସୁରେନ୍ଦ୍ର ତରାଇଙ୍କ ମୃତଦେହ ଗାଁ ନିକଟ କଇଁଫୁଲିଆ ପୋଖରୀ ହୁଡ଼ା ଗଛରେ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଥିଲା। ସୁରେନ୍ଦ୍ରଙ୍କ ମୋଟର ସାଇକେଲଟି ପୋଖରୀ ନିକଟ ବିଦ୍ୟାଧର ଗୌଡ଼ଙ୍କ ଚାଷ ଜମି ନିକଟରେ ପଡିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଥିଲା, ଯାହାକି ତଦନ୍ତ ଜାରି ରଖିଛି । ସୁରେନ୍ଦ୍ର ଗତ ୩ ତାରିଖ ଦିନ ଘରକୁ ନ ଫେରିବାରୁ ଏବଂ ତାଙ୍କ ମୋବାଇଲକୁ ପରିବାର ଲୋକ ରିଙ୍ଗ କରିଥିଲେ ମଧ୍ୟ ସେ ଉଠାଇନଥିଲେ। ଛତ୍ରପୁର ଥାନାରେ ସୁରେନ୍ଦ୍ରେ ନିଖୋଜ ରହିଥିବା ଥାନାରେ ଏତେଲା ଦିଆଯାଇଥିଲା।

# ଭାଙ୍ଗିଲା ନୂଆ କଲଭର୍ଟ ରାସ୍ତା

**ରାସ୍ତା ଉପରେ ୨ ଫୁଟର ପାଣି, ଗୋଡ଼ିପଥର**

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)



ରାସ୍ତା ପାର୍ଶ୍ୱ କଲଭର୍ଟ ଭାଙ୍ଗି ଯାଇଛି।

ଗୁରୁବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥ ଓ ପିଟିଏସ୍‌ଛକଠାରୁ ଜଗନ୍ନାଥ ମନ୍ଦିର ରାସ୍ତାରେ ୨ ଫୁଟର ନର୍ଦ୍ଦମା ଜଳ ଚାଲୁ ରହିଥିବାବେଳେ ଗୋଡିପଥର ପଡିଥିବାର ଦେଖିବାକୁ ମିଳିଥିଲା। ସେହିପରି ସରସ୍ୱତୀ ବିଦ୍ୟା ମନ୍ଦିର ନିକଟରେ ନୂଆକରି ନିର୍ମାଣ ଚାଲୁ ରହିଥିବା କଲଭର୍ଟର କିଛି ଅଂଶ ଭାଙ୍ଗି ପଡିଛି। ଗୁରୁବାର ଅପରାହ୍ନରେ ବର୍ଷା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ନର୍ଦ୍ଦମାର ଅପରିଷ୍କାର ଜଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖ ରାସ୍ତାରେ ପ୍ରବାହିତ ହୋଇଥିଲା। ରାଜପଥ ପାର୍ଶ୍ୱ ଡ୍ରେନ ଠିକ୍‌ରେ ସଫେଇ ହୋଇ ନ ଥିବାବେଳେ ଅଣ ଓସାରିଆ ଡ୍ରେନରେ ଅଧିକ ଜଳ ପ୍ରବାହିତ ହେବାରୁ ରାସ୍ତା ଉପରେ ପ୍ରାୟ ୨ଫୁଟର ନର୍ଦ୍ଦମା ଜଳ ଜମି ରହିଥିଲା। କେତେଜଣ ଦୋକାନୀଙ୍କ ଦୋକାନରେ ନର୍ଦ୍ଦମା ଜଳ ପଶି ଯାଇଥିଲା। ରାସ୍ତାରେ ଯାନବାହାନ ଯାତାୟତରେ ଅସୁବିଧା ହୋଇଥିଲା। ସେହିପରି ପୁରୁଣାସହରର ଶ୍ରୀଜୀଉଙ୍କ ରଥଟଣା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ଜିଲାପାଳ ଅଫିସ ଦେଇ ଯାନବାହାନ ଚଳାଚଳକୁ ବନ୍ଦ କରାଯାଇଥିଲା। ଯାନବାହାନ ପିଟିଏସ୍ ରାସ୍ତା ଦେଇ ଜଗନ୍ନାଥ ମନ୍ଦିର ଭିଆଇପି ରାସ୍ତାରେ ଯାତାୟତ କରିଥିଲା। ସରସ୍ୱତୀ ବିଦ୍ୟା ମନ୍ଦିର ନିକଟରେ ନୂଆକରି ନିର୍ମାଣ ଚାଲୁ ରହିଥିବା କଲଭର୍ଟର କିଛି ଅଂଶ ଭାଙ୍ଗି ଯିବାରୁ ବଡ଼ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ରଥ ଟଣା ପରେ ରାଜପଥରେ ଯାନବାହାନ ଚଳାଚଳ କରିଥିଲା। ସେହିଭଳି ପିଟିଏସ୍ ଜଗନ୍ନାଥ ମନ୍ଦିର ରାସ୍ତାର ଏନ୍‌ଏଚ୍ ଅଫିସ ସମ୍ମୁଖ ପ୍ରକୃତି ବିହାରଠାରେ ରାସ୍ତା ଉପରେ ପାହାଡ଼ ଜଳ ପ୍ରବାହିତ ହୋଇ ଗୋଡି ପଥର ପଡି ରହିଥିଲା। ଯାହାକି ଦୁର୍ଘଟଣାର ରୂପ ନେଇଥିଲା। ସନ୍ଧ୍ୟା ସୁଦ୍ଧା ୫ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ପରେ କେତେଜଣ ଲୋକ ଗୋଡି ପଥର ହଟାଇଥିଲେ।

# ଗଣିତ ଅଧ୍ୟାପିକାଙ୍କୁ ସମର୍ଥନ କରି ଛାତ୍ରୀଛାତ୍ରଙ୍କ ଧାରଣା

## ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଟ୍ୟୁଶନ ବିବାଦ

- ୪ଜଣିଆ କମିଟିର ନିଷ୍ପତ୍ତିରେ ମିଳିଲାନି ଅଭିଯୋଗକାରୀଙ୍କ ସହମତି
- ଅଭିଭାବକଙ୍କୁ କୋଣଠେସାକୁ ନେଇ ଉଦ୍‌ବେଗ
- ନମ୍ବର କାଟ ଓ ଗଣିତ ଅଧ୍ୟାପିକାଙ୍କ ନିର୍ଯାତନାକୁ ନେଇ ବିବାଦ ତେଜିଲା

ନୟାଗଡ଼,୧୮ ।୭(ଲୋକନାଥ ମିଶ୍ର)

ନମ୍ବର କାଟ୍, ପାଠ ନ ପଢ଼ାଇ ଗଣିତ ଅଧ୍ୟାପିକା ଶ୍ରେଣୀଗୃହରେ ନିର୍ଯାତନା ଓ ଧମକଚମକ ଦେବା, ଘରୋଇ ଟ୍ୟୁଶନ କରିବାକୁ ବାଧ କରାଇବା ପରି ଘଟଣାକୁ ନେଇ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିବାଦ ତେଜିଛି। ଏଭଳି ଅଭିଯୋଗ ଯୁକ୍ତ ୩ କମ୍ପ୍ୟୁଟର ବିଜ୍ଞାନ ଅନର୍ସର ପ୍ରଥମ ବର୍ଷର ଛାତ୍ରୀ ଆଣିବା ପରେ ମହାବିଦ୍ୟାଳୟରେ ଶିକ୍ଷାକ୍ଷେତ୍ରରେ ଚାଲିଥିବା ଅବ୍ୟବସ୍ଥାର ଗୁମର ଖୋଲିଛି। ଛାତ୍ରୀଙ୍କ ଅଭିଯୋଗକୁ ନେଇ ମହାବିଦ୍ୟାଳୟ ବଦନାମ ହେଉଛି ଦର୍ଶାଇ ଗଣିତ ଅଧ୍ୟାପିକାଙ୍କୁ ସମର୍ଥନ କରି କେତେଜଣ ଛାତ୍ରୀଛାତ୍ର ଗୁରୁବାର ଧାରଣା ଦେଇଥିଲେ। ଏପରି କି ଅଧ୍ୟକ୍ଷଙ୍କୁ ଭେଟି ଗଣିତ ଅଧ୍ୟାପିକା ଠିକ୍ ଅଛନ୍ତି ଓ ଅଭିଯୋଗକାରୀ ଛାତ୍ରୀଙ୍କୁ ଦୋଷ ଦେଇ ପ୍ରସଙ୍ଗକୁ ଗୁରୁତ୍ୱ ନ ଦେବାକୁ ଫେରାଦ୍ ହୋଇଥିଲେ। ସେପଟେ ଛାତ୍ରୀଙ୍କୁ ଶ୍ରେଣୀ ଗୃହରେ ଗଣିତ ଅଧ୍ୟାପିକା ନିର୍ଯାତନା ଦେବା ଓ ଧମକ ଚମକ ଦେବା ଘଟଣାରେ ତଦନ୍ତ କରିବାକୁ ଗଠିତ ହୋଇଥିବା ମହାବିଦ୍ୟାଳୟର ୪ଜଣିଆ କମିଟିର ନିଷ୍ପତ୍ତିରେ ଅଭିଯୋଗକାରୀ ଛାତ୍ରୀ ଅସନ୍ତୋଷ ପ୍ରକାଶ କରି ସହମତି ପ୍ରକାଶ କରି ନାହାନ୍ତି। ଅନ୍ୟପକ୍ଷେ ଅଭିଯୋଗକାରୀ ଛାତ୍ରୀଙ୍କ ଅଭିଭାବକଙ୍କୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୋଣଠେସା କରିବାକୁ ନେଇ ଅନୁରୂପ ଭାବେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଭିଯୋଗକାରୀ ଛାତ୍ରୀ କୁହନ୍ତି, ମୋତେ ଗୁରୁବାର ମହାବିଦ୍ୟାଳୟ ପକ୍ଷରୁ ପକ୍ଷ ରଖିବାକୁ କୁହାଯାଇଥିଲା। ମୋ ସାଥିରେ ମୋ ବାପା ଯାଇଥିଲେ ମଧ ତାଙ୍କୁ ମୋ ସହ ରହିବାକୁ ସୁଯୋଗ ଦିଆଗଲା ନାହିଁ। ୪ ଜଣିଆ କମିଟି ମୋତେ ପରାମର୍ଶ ଦେଇଥିଲେ ଗଣିତ ଅଧ୍ୟାପିକାଙ୍କୁ କିଛି କହିବ ନାହିଁ। ମୋର ପ୍ରଶ୍ନ ମୁଁ ଯଦି ମୋର ଶିକ୍ଷୟିତ୍ରୀଙ୍କୁ କିଛି କହିବି ନାହିଁ ତେବେ ମୁଁ ପାଠ ପଢ଼ିବି କିପରି। କାହା ସହ ଆଲୋଚନା କରିବି। ଏଣୁ କମିଟିର ସଦସ୍ୟଙ୍କ କଥାରେ ମୁଁ ସହମତି ପ୍ରକାଶ କରିପାରିଲି ନାହିଁ। ଅନ୍ୟପକ୍ଷେ ନମ୍ବର କାଟିବା, ଘରୋଇ ଟ୍ୟୁଶନକୁ ନ ଯିବା ଓ ଶ୍ରେଣୀ ଗୃହରେ ମୋତେ ଧମକଚମକ ଓ ନିର୍ଯାତନା ନେଇ ଅଭିଯୋଗ କରିବାକୁ ନେଇ ଭୁଲ ଦିଆଯାଉଛି। ମହାବିଦ୍ୟାଳୟକୁ ବଦନାମ କରୁଛି ବୋଲି କୁହାଯାଉଛି। ତେବେ ମୋର ପାଠପଢ଼ାରେ ଯେଉଁ କ୍ଷତି ହେଉଛି ସେଥିପ୍ରତି ଅଣଦେଖା କରାଯାଉଛି। ଏଥିରେ କ'ଣ ମୁଁ ଚୁପ ହୋଇ ରହି ପାରିବି। ଯେଉଁମାନେ ଅଧ୍ୟାପିକାଙ୍କ ଘରୋଇ ଟ୍ୟୁଶନରେ ପାଠ ପଢ଼ୁଛନ୍ତି ସେମାନେ ଗୁରୁବାର ପ୍ରାୟୋଜିତ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନ କରି ମୋ ମୁହଁ ବନ୍ଦ କରିବାକୁ ଫନ୍ଦିଫିକର କରାଯାଉଛି। କେତେଜଣ ଟ୍ୟୁଶନ ଛାତ୍ରୀଙ୍କୁ ଢ଼ାଲ କରି ମୋ ପାଠପଢ଼ାକୁ ନଷ୍ଟ କରିଦେବାକୁ ଯୋଜନା ଚାଲିଛି। ପ୍ରତ୍ୟହ ମୋତେ ବିଭିନ୍ନ ପ୍ରକାର କଟୁ କଥା ଓ ଅପମାନ କରାଯାଉଛି। ମୁଁ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ନୟାଗଡ ଟାଉନ ଥାନା, ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିଲାପାଳ, ଜିଲା ପରିଷଦର ଶିକ୍ଷା ବିଭାଗ ଷ୍ଟାଡିଂ କମିଟି ଚେୟାରମ୍ୟାନ, ଉତ୍କଳ ୟୁନିଭରସିଟିର ଭାଇସ ଚାନ୍‌ସେଲର, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ସଚିବ, ନୂଆଦିଲ୍ଲୀର ୟୁଜିସି କମିଶନରଙ୍କୁ ଅଭିଯୋଗ କରିଛି।

ଅଧ୍ୟାପକଙ୍କୁ ସମର୍ଥନ କରି ଆନ୍ଦୋଳନରତ ଜଣେ ଛାତ୍ର କହିଛନ୍ତି, ଛାତ୍ରୀ ଅଯଥାରେ ମହାବିଦ୍ୟାଳୟ. ଡିପାର୍ଟମେଣ୍ଟ, ଅଧ୍ୟାପିକା ଅଧ୍ୟାପକଙ୍କୁ ବଦନାମ କରୁଛନ୍ତି। ଅଭିଯୋଗକାରୀ ଛାତ୍ରୀଙ୍କ ବାପା ଜଣେ ଆଇନଜିବୀ ହୋଇଥିବାରୁ ଧମକଚମକ ଦେଇ ଅଧିକ ମାର୍କ ନେବାକୁ ଉଦ୍ୟମ କରୁଛନ୍ତି। ଏଣୁ ନ୍ୟାୟ ପାଇଁ ଆମେ ଅଧ୍ୟକ୍ଷଙ୍କୁ ଭେଟି ମହାବିଦ୍ୟାଳୟକୁ ବଦନାମ ନ କରିବାକୁ ନିବେଦନ କରିଛୁ। ଅଭିଯୋଗକାରୀ ଛାତ୍ରୀଙ୍କ ଅଭିଭାବକ ବଳଭଦ୍ର ମହାନ୍ତି କୁହନ୍ତି, ମୋ ଝିଅ ମହାବିଦ୍ୟାଳୟକୁ ବଦନାମ କି କାହାକୁ ହଇରାଣ କରିବାକୁ ଚାହୁଁ ନାହିଁ। ଘରୋଇ ଟ୍ୟୁଶନ ନକରିବାରୁ ତାକୁ ଯେପରି ମାର୍କ କାଟି ଦିଆଗଲା ସେ ତାର ପ୍ରତିବାଦ କରି ନ୍ୟାୟ ମାଗିଲା। ପ୍ରାରମ୍ଭରୁ ବାରମ୍ବାର ଅଧ୍ୟକ୍ଷଙ୍କୁ ଅଭିଯୋଗ କଲା। ହେଲେ ମହାବିଦ୍ୟାଳୟ ପକ୍ଷରୁ ଅଭିଯୋଗକୁ ଅଣଦେଖା କରାଗଲା। ଝିଅର ପ୍ରସଙ୍ଗକୁ ବିଚାରକୁ ନ ନେଇ ନମ୍ବର କାଟିଥିବା ଓ ଘରୋଇ ଟ୍ୟୁଶନ କରିବାକୁ ବାଧ୍ୟ କରିଥିବା ଅଧ୍ୟାପକ ଅଧ୍ୟାପିକାଙ୍କୁ କ୍ଲିନଚିଟ୍ ଦିଆଗଲା। ଶ୍ରେଣୀଗୃହରେ ଗଣିତ ଅଧ୍ୟାପିକା ପାଠ ନ ପଢ଼ାଇ ଗାଳିଗୁଲଜ କରିବା ଓ ଧମକଚମକ ଦେବା ଘଟଣାକୁ ମଧ ଚାପି ଦେବାକୁ ଉଦ୍ୟମ ଚାଲିଛି। ନ୍ୟାୟ ପାଇ ଝିଅ ଲଢ଼େଇ କରିବା କ'ଣ ଭୁଲ ବୋଲି କ୍ଷୋଭର ସହ କହିଛନ୍ତି। ମୋ ଝିଅକୁ ହାରାସ କରିବାକୁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି।ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ପଟ୍ଟନାୟକଙ୍କୁ ୯୪୩୭୨୮୭୦୦୬ ନମ୍ବରରେ ଯୋଗାଯୋଗ କରିବାରୁ ଫୋନ ନ ଉଠାଇ କାଟି ଦେଇଥିଲେ।



କଲେଜ ଫାଟକ ସମ୍ମୁଖରେ ଆନ୍ଦୋଳନରତ ଛାତ୍ରୀଛାତ୍ର।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୁଲୁ



@ ଶକ୍ତିସିଂ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଗନ୍ନାଥଙ୍କ ରଥ ଡ୍ରେନ୍ ଉପରେ ଚଢ଼ିଗଲା



ଡ୍ରେନ୍ ଉପରେ ଚଢ଼ିଯାଇଥିବା ରଥ।

## କାମ କଲାନି ବ୍ରେକ୍

ନୟାଗଡ଼,୧୮ ।୭(ଲୋକନାଥ ମିଶ୍ର)

ଗୁରୁବାର ବର୍ଷା ଯୋଗୁ ନୟାଗଡ଼ ପୁରୁଣା ସହରରେ ରଥ ଟଣାରେ ବିଳମ୍ବ ହୋଇଥିଲା। ତେବେ ବଳଦେବ ଜୀଉଙ୍କ ତାଳଧ୍ୱଜ ରଥ ଓ ସୁଭଦ୍ରାଙ୍କ ଦେବଦଳନ ରଥ ଟଣାଯାଇ ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଛି। ସେହିପରି ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବ୍ରେକ୍ କାମ ନ କରିବାରୁ ବାଟରେ ଅଟକି ରହିଲା। ନବନାଲ ମଠ ନିକଟରେ ଜଗନ୍ନାଥଙ୍କ ରଥ ପହଞ୍ଚିବାର ଥିଲା। ନବନାଲ ମଠରେ କିଛି ବାଟ ପୂର୍ବରୁ ଅଟକି ରହିଛି। ଭକ୍ତମାନେ ରଥ ଟାଣିବା ସମୟରେ ଜଗନ୍ନାଥଙ୍କ ରଥ ପୁରୁଣାସହରର ଜଣେ ବ୍ୟକ୍ତିଙ୍କ ଗ୍ରୀଲ ପାଖକୁ ଯାଇ ଲାଗିଥିଲା। ପରେ ବ୍ରେକ୍ କାମ ନ କରିବାରୁ ଡ୍ରେନରେ ଚଢ଼ି ଅଟକି ଯାଇଥିଲା। ଏହି ଦୁର୍ଘଟଣା ଯୋଗୁ ରଥ ଚକରେ କିଛିଅଂଶରେ ଫାଟ ସୃଷ୍ଟି ହୋଇଛି।

# ବିଷ୍ଣୁ ସହସ୍ରନାମ ପାଠକଲେ ଶ୍ରଦ୍ଧାଳୁ

ରଣପୁର ୧୮ ।୭
(ସୁକାନ୍ତ କିଶୋର ଡାକୁଆ)

ହରିଶୟନ ଏକାଦଶୀ ଉପଲକ୍ଷେ ସମୁହ ବିଷ୍ଣୁ ସହସ୍ରନାମ ବୁଧବାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖ ପଞ୍ଚୁଦୋଳ ପଡ଼ିଆ ରଣପୁରରେ ଜଗତକଲ୍ୟାଣ ନିମନ୍ତେ ଗଡଜାତ ବ୍ରାହ୍ମଣ ପରିଷଦ ରଣପୁର ତରଫରୁ ପାଠ କରାଯାଇଥିଲା। ରଣପୁର ଗଡଜାତ ଅଞ୍ଚଳ ଅନ୍ତର୍ଗତ ରାଜ ପ୍ରତିଷ୍ଠିତ ୯ଟି ବ୍ରାହ୍ମଣ ଶାସନର ବରିଷ୍ଠ ବିଦ୍ୱାନ ପଣ୍ଡିତ ବ୍ରାହ୍ମଣମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ଦିବା ୧୦ଟାରେ ଆରମ୍ଭ କରାଯାଇଥିଲା।

କୃଷ୍ଣ ଦ୍ୱୈପାୟନ ବେଦ ପାଠଶାଳା ରଣପୁରର ଗୁରୁଜୀ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ମଙ୍ଗଳାଚରଣ ଗାନ କରାଯାଇଥିଲା। ଗଡଜାତ ବ୍ରାହ୍ମଣ ପରିଷଦ ରଣପୁରର ଆବାହକ ଅଶୋକ କୁମାର ମହାପାତ୍ର ବ୍ରାହ୍ମଣମାନଙ୍କୁ ସ୍ୱାଗତ କରିଥିଲେ। ଚନ୍ଦନ, ପୁଷ୍ପ, ଅକ୍ଷତ ଦେଇ ସମସ୍ତ ଶାସନୀ ବ୍ରାହ୍ମଣମାନଙ୍କୁ ବରଣ କରାଯାଇଥିଲା। ଡ. ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସର୍ବପ୍ରଥମେ ଗୁରୁ ବନ୍ଦନା, ଜଗନ୍ନାଥ ଅଷ୍ଟକମ, ଗୀତା ୧୫ଶ ଅଧ୍ୟାୟ, ଶ୍ରୀ ବିଷ୍ଣୁ ସହସ୍ରନାମ ପଠନ କରାଯାଇଥିଲା। ବୃନ୍ଦାବନପୁର ଶାସନ ନିବାସୀ ବ୍ରଜବନ୍ଧୁ ମିଶ୍ର ଶ୍ରୀ ବିଷ୍ଣୁ ସହସ୍ରନାମ ପଠନର ସମାଜ ଉପରେ ପ୍ରଭାବ ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଚୈତନ୍ୟ ମଠର ପର୍ଶୁରାମ ମହାରଜ, ପ୍ରସନ୍ନ ରଥ, ସୂର୍ଯ୍ୟକାନ୍ତ ମହାପାତ୍ର ଏ ଭଳି କାର୍ଯ୍ୟକ୍ରମ ସମାଜରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ କରିଥିଲେ। ବିରଞ୍ଚି ନରାୟଣ ତ୍ରିପାଠୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଭଳି କାର୍ଯ୍ୟକ୍ରମକୁ। ଅନୁଷ୍ଠାନକୁ ସମସ୍ତଙ୍କର ସାହାଯ୍ୟ ଓ ସହାନୁଭୂତି ଜାରି ରଖିବାକୁ ଅନୁରୋଧ କରିଥିଲେ। ଶେଷରେ ପ୍ରମୋଦ ଦାଶ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଆଦିତ୍ୟ ଦାଶ, ବିଜୟ କୁମାର ମହାପାତ୍ର, ସୁଶାନ୍ତ କୁମାର ଦାଶ, ବିରଜା ଶଙ୍କର ମିଶ୍ର, ଓମ ପ୍ରକାଶ ମହାପାତ୍ର ଆଦି ଅନ୍ୟାନ୍ୟ ବରିଷ୍ଠ ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ବିଷ୍ଣୁ ସହସ୍ରନାମ ଗାନ କରୁଛନ୍ତି ଶ୍ରଦ୍ଧାଳୁ।

# ନୀଳକଣ୍ଠେଶ୍ୱରଙ୍କ ପୀଠରେ ଅନ୍ନପୂର୍ଣ୍ଣା ଯଜ୍ଞ



ନୀଳକଣ୍ଠେଶ୍ୱରଙ୍କ ପୀଠରେ ଚାଲିଥିବା ଅନ୍ନପୂର୍ଣ୍ଣା ଯଜ୍ଞ।

ଓଡ଼ଗାଁ,୧୮ ।୭
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ପନ୍ତିଖାରି ଶାସନ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ୭୩ତମ ପଞ୍ଚ ଦିବସୀୟ ଅନ୍ନପୂର୍ଣ୍ଣା ଯଜ୍ଞ ଆରମ୍ଭ ହୋଇଛି । ପ୍ରଥମ ଦିବସରେ କଳସ ଯାତ୍ରା,ସଂକଳ୍ପ, ବ୍ରାହ୍ମଣବରଣ, ସୂର୍ଯ୍ୟପୂଜା,ଶାଳା ପୂଜା ସହିତ ଇଷ୍ଟଦେବୀ ଅନ୍ନପୂର୍ଣ୍ଣାଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଏହାପରେ ଯଜ୍ଞରେ ଘୃତାହୂତି ପ୍ରଦାନ କରାଯାଇ ସନ୍ଧ୍ୟା ଆଳତି ସହିତ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଯଜ୍ଞ ଅନୁଷ୍ଠାନରେ ବରଣ ହୋଇଥିବା ୩୦ରୁ ଊର୍ଦ୍ଧ୍ୱ ବୈଦିକ ବ୍ରାହ୍ମଣ ସେମାନଙ୍କ ବୈଦିକ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଯଜ୍ଞ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍ତମ ଫସଲ ଅମଳ କରି ବିଶ୍ୱରୁ ଖାଦ୍ୟାଭାବ ଦୂର କରିବା ନିମନ୍ତେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ଯଜ୍ଞକୁ ବୃଷ୍ଟି ଯଜ୍ଞ ବୋଲି ମଧ ସ୍ଥାନୀୟ ଲୋକମାନେ କହିଥାଆନ୍ତି।

# ଦୂର ସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା

ଖଣ୍ଡପଡ଼ା,୧୮ ।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାସ୍ଥିତ ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ଦୂର ସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଟେଲିକମ ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଓ ସାମାଜିକ ସଙ୍ଗଠନ 'ବିକାଶ' ସହଯୋଗରେ ଆୟୋଜିତ କର୍ମଶାଳାରେ ସାଇବର ଅପରାଧ ଓ ଡିଜିଟାଲ ଯୁଗରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଟେଲିଫୋନର ବ୍ୟବହାର ଉପରେ ଅନୁଷ୍ଠାନର ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବିଏସ୍‌ଏନଏଲର ସହକାରୀ ଯନ୍ତ୍ରୀ ଇଂ.ସମୀର କୁମାର ଦଳେଇ ଓ ଏୟାରଟେଲର ଜେଟିଓ ପବନ କୁମାର ସୁନ୍ଦର ରାୟ ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାମାଜିକ ସଙ୍ଗଠନ ବିକାଶର ସମ୍ପାଦକ ଗୋକୁଳ ଚନ୍ଦ୍ର ଦାଶ କର୍ମଶାଳା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଂଯୋଜକ ପ୍ରଦୀପ କୁମାର ପାଢୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଟେଲିକମ ସେବାର ଉପାଦେୟତା ସମ୍ପର୍କରେ ଅଧ୍ୟାପକ ଡ.ଅଜିତ କୁମାର ବସନ୍ତରାୟ, ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା, କୃଷ୍ଣପ୍ରିୟା ମହାନ୍ତି ପ୍ରମୁଖ ଆଲୋକପାତ କରିଥିଲେ। ବିଶେଷ କରି ସାଇବର ଅପରାଧ ନେଇ କିଭଳି ସଚେତନ ହେବ ସେ ସମ୍ପର୍କରେ କର୍ମଶାଳାରେ ସମସ୍ତେ ମତ ରଖିଥିଲେ। ଏ ସମ୍ପର୍କୀତ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। କର୍ମଶାଳାରେ ଯୋଗ ଦେଇଥିବା ସମସ୍ତ ଛାତ୍ରୀଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସାମାଜିକ କର୍ମୀ ତଥା ଆଇନଜୀବୀ ହରିଶ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ଜଣେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ମନ୍ଦିରକୁ ଫେରିଲେ ତିନି ଠାକୁର

## ଅଧରପଣା ନୀତି, ଲକ୍ଷ୍ମୀନାରାୟଣ ଭେଟ ପରେ ନୀଳାଦ୍ରି ବିଜେ

ଖଣ୍ଡପଡ଼ା,୧୮ ।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାଠାରେ ଘୋଷଯାତ୍ରା ଅବସରରେ ୧୨ ଦିନର ଯାତ୍ରା ଶେଷକରି ଗୁରୁବାର ତିନି ଠାକୁରଙ୍କ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ୱମନ୍ଦିରକୁ ତିନି ଠାକୁର ଫେରିଛନ୍ତି। ଗୁରୁବାର ରଥଟଣା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ରଥଗଡ଼ା ଛକ ନିକଟରେ ପହଞ୍ଚି ଥିଲା। ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଦିଅଁଙ୍କୁ ରଘୁନାଥ ମନ୍ଦିର ଓ ରାଜ ପରିବାର ପକ୍ଷରୁ ସ୍ଥାପନ କରାଯାଇଥିବା ଏକକ ଜଗନ୍ନାଥଙ୍କୁ ସ୍ୱମନ୍ଦିରକୁ ବିଜେ କରାଯିବା ପୂର୍ବରୁ ଏହି ଦୁଇ ମନ୍ଦିରରେ ଅଧରପଣା ନୀତି ଓ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଠାକୁରମାନେ ମାଉସୀ ମା' ମନ୍ଦିରରୁ ଦୁଇଟି ରଥରେ ବାହାରି ଖଣ୍ଡପଡ଼ା ବଜାର ନିକଟରେ ଅଟକି ରହିଥିଲେ। ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରେ ଏକାକି ଛାଡି ମାଉସୀମା' ଘରକୁ ବୁଲିଯାଇଥିବାରୁ ମହାପ୍ରଭୁଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ଗୁରୁବାର ସନ୍ଧ୍ୟାରେ ପହଣ୍ଡି ସାରି ଠାକୁର ମନ୍ଦିରରେ ପ୍ରବେଶ କରିବାକୁ ଯାଉଥିବା ବେଳେ ଲକ୍ଷ୍ମୀ ଠାକୁରାଣୀ ବାରଣ କରିଥିଲେ। ରଥରୁ ଓହ୍ଲାଇ ମହାପ୍ରଭୁ ମନ୍ଦିର ଦ୍ୱାର ଦେଶରେ ପହଞ୍ଚିବା କ୍ଷଣି ଠାକୁରାଣୀ ମନ୍ଦିର ବନ୍ଦ କରିଦେଇଥିଲେ। ପାରମ୍ପରିକ ରୀତିନୀତି ପରେ ଠାକୁରାଣୀଙ୍କ ସେବକମାନେ କବାଟ ଫେଡା ନୀତି ସମ୍ପନ୍ନ କରିଥିଲେ। ଠାକୁର ରଥରୁ ଓହ୍ଲାଇବା ପୂର୍ବରୁ ଯଥାରୀତି ଦକ୍ଷିଣ ଆଳତୀ ହୋଇଥିଲା।

ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ମନ୍ଦିରରେ ଗତ ୪ଦିନ ଧରି ଖଣ୍ଡପଡ଼ା ରାଜପରିବାର ଦ୍ୱାରା ଅନୁଷ୍ଠିତ ବାହୁଡା ଯାତ୍ରା ଶେଷ ହୋଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଲକ୍ଷ୍ମୀ ନାରାୟଣଙ୍କ ଭେଟ ଅନୁଷ୍ଠିତ ହୋଇଯାଇଛି। ଏକ ସୁସଜ୍ଜିତ ବିମାନରେ ମା'ଲକ୍ଷ୍ମୀ ରଥ ଚାରିପାଖେ ପରିକ୍ରମା କରିବା ପରେ ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଉପସ୍ଥିତ ରହି ଲକ୍ଷ୍ମୀ ନାରାୟଣ ଭେଟକୁ ଉପଭୋଗ କରିଥିଲେ। ସନ୍ଧ୍ୟା ସମୟରେ ରଥାରୁଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ରଥାରୁଢ ବିଗ୍ରହଙ୍କ ନିକଟରେ ସନ୍ଧ୍ୟା ଆଳତୀ ସମୟରେ ଅଧରପଣା ଓ ଭୋଗ ଆକାରରେ ରସଗୋଲା ଲାଗି କରାଯାଇଥିଲା। ଅନୁଷ୍ଠିତ ଏହି ଉତ୍ସବରେ ରାଜପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ପରେ ଦେବୋତ୍ତର ବିଭାଗ ପରିଚାଳିତ ମହିମାମେରୁ ଦିଅଁଙ୍କ ନିଳାଦ୍ରୀ ବିଜେ ହୋଇଥିବା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ପ୍ରକାଶ। ଚଳିତ ବର୍ଷ ରଥଯାତ୍ରା ଓ ବାହୁଡା ଯାତ୍ରା ସୁପରିଚାଳନାରେ ଖଣ୍ଡପଡ଼ା ପୋଲିସ ଟିମ୍, ଯୁବକ ସଂଘର ସଦସ୍ୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନେ ସହଯୋଗ କରିଥିଲେ।





ଶ୍ରୀଜୀଉଙ୍କୁ ନୀଳାଦ୍ରି ବିଜେ କରାଯାଉଛି।

